### ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଅବ୍ୟବସ୍ଥା

# ଏକ୍ସ-ରେ' ଓ ନିଦାନ ପାଇଁ ରୋଗୀ ହଟହଟା

ଆନନ୍ଦପୁର, ୧୩।୩ (ସମିସ):

ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ରୋଗୀଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ଏପରିକି ସରକାରୀ ଔଷଧ, ଏକ୍ସ-ରେ' ଓ 'ଅଲଟ୍ରାସାଉଣ୍ଡ' ପାଇଁ ରୋଗୀମାନେ ବାହାରେ ଖର୍ଚ୍ଚାନ୍ତ ହେଉଛନ୍ତି । ଡିଜିଟାଲ 'ଏକ୍ସ-ରେ' ନଥିବାରୁ ରୋଗୀଙ୍କ ସମସ୍ୟା ବଢ଼ି ଚାଲିଥିବା ନେଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିବା ସହିତ ଏନେଇ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ବିଧାୟକଙ୍କ ପ୍ରଶ୍ନ ପରେ ଡିଜିଟାଲ 'ଏକ୍ସ-ରେ' ମେସିନ ଯୋଗାଇ ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅନୁରୋଧ କରି ଉପଖଣ୍ଡ ଡାକ୍ତରଖାନାର ଅଧୀକ୍ଷକ ପତ୍ର ଲେଖିଥିବା ଜଣାପଡ଼ିଛି ।

ଏଠାରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ସରକାର ବିଭିନ୍ନ ଯୋଜନା କରିଥିଲେ ମଧ୍ୟ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଉତ୍ତମ ଚିକିତ୍ସାସେବା ନପାଇ ରୋଗୀ କଲବଲ ହେଉଛନ୍ତି । ୪୫ଜଣ ଡାକ୍ତରଙ୍କ ସ୍ଥାନରେ ମାତ୍ର ୧୫ଜଣ ରହିଥିବାରୁ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନି । ଏହି ଡାକ୍ତରଖାନା ଉପରେ କେନ୍ଦୁଝର ଜିଲ୍ଲା ସମେତ ପଡ଼ୋଶୀ ଭଦ୍ରକ, ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାର ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି । ଗ୍ରାମାଞ୍ଚଳର ଲୋକ ସରକାରୀ ଡାକ୍ତରଖାନାରୁ ମାଗଣା ଚିକିତ୍ସା ସେବା ପାଇବା ପାଇଁ ଆସି ନିରାଶ ହୋଇ ଫେରୁଛନ୍ତି । ବିଭାଗରେ ଅନେକ ବିଶେଷଜ୍ଞ ନଥିବାରୁ ରୋଗୀଙ୍କୁ ଦହଗଞ୍ଜ ହେବାକୁ ପଡୁଛି । ସାମାନ୍ୟ ରୋଗର ଚିକିତ୍ସା ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଛିଡ଼ା ହେବାକୁ ପଡୁଛି । ଅନେକ ସମୟରେ ସାଧାରଣ ରୋଗପାଇଁ ରୋଗୀଙ୍କୁ କଟକ ନଚେତ କେନ୍ଦୁଝର ଡାକ୍ତରଖାନା ଯିବାକୁ ପଡୁଛି । ସେହିପରି ଏକ୍ସ-ରେ' ଓ 'ଅଲଟ୍ରାସାଉଣ୍ଡ' ପାଇଁ ମଧ୍ୟ ସମସ୍ୟା ହେଉଛି । ଡାକ୍ତରଖାନାରେ ଏକମାତ୍ର 'ଅଲଟ୍ରାସାଉଣ୍ଡ' କେବଳ ପ୍ରସୂତିଙ୍କ ପାଇଁ ଥିବାବେଳେ ରୋଗୀ ଏଥିପାଇଁ ବାହାର




କ୍ଲିନିକ୍‌କୁ ଯାଉଛନ୍ତି । ବାହାରେ ଏଥିପାଇଁ ୭୦୦ଟଙ୍କା ଦେବାକୁ ପଡୁଛି । ବାହାରେ ଏକମାତ୍ର କ୍ଲିନିକ୍?ରେ ଏହା ଉପଲବ୍ଧ ଥିବାରୁ ସେଠି ମଧ୍ୟ ରୋଗୀଙ୍କ ଲାଇନ ଲାଗୁଛି । ସେହିପରି ଏକମାତ୍ର 'ଏକ୍ସ-ରେ' ମେସିନ ରହିଛି; ଯାହା ମାନୁଆଲ ଶ୍ରେଣୀର । ଏଥିରେ 'ଏକ୍ସ-ରେ' କଲେ ରିପୋର୍ଟ ବାହାରିବା ପାଇଁ ଅତି କମ୍‌ରେ ଏକଘଣ୍ଟା ଲାଗିବା ଫଳରେ ରୋଗୀ ଡାକ୍ତରଖାନାରେ 'ଏକ୍ସ-ରେ' କରି ନେଲାବେଳକୁ ଅନେକ ସମୟରେ ଡାକ୍ତର ଅନ୍ୟତ୍ର ପଳାଇଥିବେ ବୋଲି ଜଣେ ରୋଗୀ ସମ୍ପର୍କୀୟ କହିଛନ୍ତି । ବାହାରେ ଡିଜିଟାଲ 'ଏକ୍ସ-ରେ' କଲେ ୪ଶହ ଟଙ୍କା ପଡ଼ିବା ଡାକ୍ତରଖାନାରେ ଡିଜିଟାଲ 'ଏକ୍ସ-ରେ' ଥିଲେ ମାତ୍ର ୧୦ମିନିଟ ମଧ୍ୟରେ ରୋଗୀ ଡାକ୍ତରଙ୍କୁ ନିଜର ରିପୋର୍ଟ ଦେଖାଇ ପାରନ୍ତେ । ବିଧାୟକ ଅଭିମନ୍ୟୁ ସେଠୀ ଆନନ୍ଦପୁର ଡାକ୍ତରଖାନାରେ କେବେ ଡିଜିଟାଲ 'ଏକ୍ସ-ରେ' ଉପଲବ୍ଧ ହେବବୋଲି ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ । ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଉପଖଣ୍ଡ ଡାକ୍ତରଖାନାରେ ଗୋଟିଏ ମାନୁଆଲ 'ଏକ୍ସ-ରେ' ମେସିନ ରହିଛି । ଖୁବଶୀଘ୍ର ଡିଜିଟାଲ ମେସିନ ଯୋଗାଇ ଦେବାକୁ ପଦକ୍ଷେପ ନିଆଯାଉଛି ବୋଲି ସୂଚନା ଦେଇଥିଲେ । ଉପଖଣ୍ଡ ଡାକ୍ତରଖାନାର ପରିଚାଳକ ଅବିନାଶ ଧଳ କହିଛନ୍ତି, ଆନନ୍ଦପୁର ଡାକ୍ତରଖାନାରେ ମାସକୁ ୮୦୦ରୁ ଅଧିକ ଖର୍ଚ୍ଚ ରୋଗୀଙ୍କ 'ଏକ୍ସ-ରେ' ହେଉଛି । ତେବେ ବାହାରେ ରହିଥିବା ଦୁଇଟି କ୍ଲିନିକ୍‌ରେ ମାସକୁ ୩ ହଜାରରୁ ଅଧିକ ଖର୍ଚ୍ଚ ହେଉଥିବା ଜଣାପଡ଼ିଛି ।

## ଚାଲିଛି ନକଲି ମୃଦୁ ଥଣ୍ଡା ପାନୀୟ ବେପାର

ହାଟଡ଼ିହୀ,୧୩।୩(ସମିସ): ଚଳିତବର୍ଷ ଫଗୁଣ ଦ୍ୱିତୀୟ ସପ୍ତାହରୁ ଗରମ୍ ପରିଲକ୍ଷିତ ହୋଇଛି । ଦିନବେଳା ଧୀରେ ଧୀରେ ଗରମ୍ ବଢ଼ିବା ଯୋଗୁଁ ଲୋକେ ମୃଦୁ ଥଣ୍ଡା ପାନୀୟ ପ୍ରତି ଆକୃଷ୍ଟ ହେବାରେ ଲାଗିଛନ୍ତି । ଯାହାକୁ ନେଇ ଥଣ୍ଡା ବେପାରୀଙ୍କ ସଂଖ୍ୟା ବେଶ୍ ବଢ଼ିବାରେ ଲାଗିଛି । ଗ୍ରାହକଙ୍କ ଚାହିଦାକୁ ଲକ୍ଷ୍ୟ କରି ହାଟଡ଼ିହୀ ଅଞ୍ଚଳର କିଛି ଅସାଧୁ ବ୍ୟବସାୟୀ ଅଧିକ ଲାଭ ଆଶାରେ ନକଲି ଥଣ୍ଡାପାନୀୟ ବେପାର ଚଳାଇଛନ୍ତି । ଏହାଦ୍ୱାରା ଗ୍ରାହକମାନେ ସିଧାସଳଖ ଲୁଟ୍‌ର ଶିକାର ହେବା ସହ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହୁଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହେଉଛି । ସ୍ଥାନୀୟ ପ୍ରଶାସନ ଏଭଳି ଅସାଧୁ ବେପାରୀଙ୍କୁ ଠାବ କରିବା ସହିତ ସେମାନଙ୍କ ନକଲି ଦ୍ରବ୍ୟ କାରବାର ଉପରେ ରୋକ ଲଗାଇବାକୁ ସାଧାରଣରେ ଦାବି ହୋଇଛି । ପ୍ରକାଶ ଥାଉ କି, ଏବେ ମାର୍ଚ୍ଚ ମାସର ମଧ୍ୟବର୍ତ୍ତୀ ସମୟ ଚାଲିଥିବା ବେଳେ ଗ୍ରୀଷ୍ମ ପ୍ରବାହ ପରିଲକ୍ଷିତ ହେଉଛି । ସର୍ବସାଧାରଣ ବଜାର ହାଟଗୁଡ଼ିକରେ ଏହାକୁ ଦୃଷ୍ଟିରେ ରଖି ଲୋକମାନେ ଥଣ୍ଡ ପାଣି ଉପରେ ନିର୍ଭର କରୁଛନ୍ତି । ଜିଲ୍ଲା ପ୍ରଶାସନ କିମ୍ବା ସ୍ଥାନୀୟ ପଞ୍ଚାୟତ କି ବ୍ଲକ୍ ପ୍ରଶାସନ ପକ୍ଷରୁ ଗ୍ରୀଷ୍ମ ମୁକାବିଲା ଦିଗରେ ଠୋସ୍ ପ୍ରସ୍ତୁତି ଏଯାଏ ଆରମ୍ଭ ହୋଇ ନଥିବା ପରିପ୍ରେକ୍ଷୀରେ ବିଭିନ୍ନ ହାଟ-ବଜାରରେ ସ୍ଥାନୀୟ ଅଞ୍ଚଳରୁ ପ୍ରସ୍ତୁତ ହେଉଥିବା କିଛି ଥଣ୍ଡା ପାନୀୟ ମିଳୁଛି । ଏହାଉପରେ ଜନସାଧାରଣ ନିର୍ଭର କରିବାକୁ ବାଧ ହେଉଛନ୍ତି । ଏହାର ଗୁଣବତ୍ତା ନେଇ ପ୍ରଶ୍ନ ଉଠୁଛି ।

## ପିଏମ୍ କିଷାନ ଉତ୍ସବର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ



କେନ୍ଦୁଝର, ୧୩।୩(ସମିସ): ଜୁଡ଼ିଆସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ 'ପିଏମ କିଷାନ ଉତ୍ସବ ଦିବସ'ର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆସାମ ଗୌହାଟିଠାରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କୃଷକମାନଙ୍କ ବ୍ୟାଙ୍କ ଖାତାକୁ ଯୋଜନା ଅନ୍ତର୍ଗତ ୨୨ତମ କିସ୍ତିର ସହାୟତା ରାଶି ପ୍ରଦାନ କରିଥିଲେ । ଅନ୍ୟପଟେ, ଓୟୁଏଟି କୃଷି ସେବା ସଦନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ଭାବେ କୃଷକ ସମାଜକୁ ଉଦବୋଧନ ଦେଇଥିଲେ । ସେ ସମସ୍ତ ଚାଷୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ସହାୟତା ନେବାକୁ ଆହ୍ୱାନ କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ କୃଷକ, ବିଭାଗୀୟ ଅଧିକାରୀ ଓ କୃଷି ବୈଜ୍ଞାନିକମାନେ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଲ ସିଂ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, କେନ୍ଦୁଝର ପୌରାଧ୍ୟକ୍ଷା ଭାଗୀରଥି ସିଂ, ସାଂସଦଙ୍କ ପ୍ରତିନିଧି ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡଃ ଚନ୍ଦ୍ରଶେଖର ରଥ, ଡିଡିଏଚ ସୌମେନ୍ଦ୍ର ପାଣିଗ୍ରାହୀ, ପିଡି ୱାଟରସେଡ଼ ଅଶୋକ କୁମାର ସେନାପତି, ଏଡିଆର କିଶୋରଚନ୍ଦ୍ର ସାହୁ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସୁକାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପୃଥିରାଜ ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କାର୍-ବୋଲେରୋ ମୁହାଁମୁହିଁ; ୬ ଆହତ





ତୁରୁମୁଙ୍ଗା, ୧୩।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଦେଇ ଯାଇଥିବା ୨୨୦ ନମ୍ବର ରାଞ୍ଚି ବିଜୟୱାଡା ଜାତୀୟ ରାଜପଥର ଦୁର୍ଗାଦେଇପୁର ବାଇପାସ ନିକଟରେ ଶୁକ୍ରବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ କାର ସହ ବୋଲେରୋ ମୁହାଁମୁହିଁ ଧକ୍କା ପରେ ରାସ୍ତା ଉପରେ ଓଲଟି ପଡିଲା କାର । ଉଭୟ ଗାଡ଼ିର ୬ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ପାଟଣା ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳର ଅଭିଲାଷ ଗିରି ଏବଂ ତାଙ୍କ ପରିବାର ଘଟଗାଁରୁ ମା' ତାରିଣୀଙ୍କ ଦର୍ଶନ ସାରି କାରରେ ଫେରୁଥିବା ସମୟରେ ବୋଲେରୋରେ ଏକ ପରିବାର ବାଦାମପାହାଡ଼ରୁ ହରିଚନ୍ଦନପୁରର ଖେଦାବେଡା ଗ୍ରାମକୁ ସମୁଦୁଣୀ ଦେଖା ପାଇଁ ଯାଉଥିଲେ । ଘଟଣାସ୍ଥଳରେ ପାଟଣା ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗାଡ଼ି ଭିତରୁ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି ପାଟଣା ମେଡିକାଲରେ ଭର୍ତ୍ତି କରିବା ସହ ଗାଡ଼ିକୁ ଜବତ କରି ତଦନ୍ତ କରୁଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଗାଡ଼ିଦ୍ୱୟ ଭାଙ୍ଗିରୁଜି ଯାଇଛି ଏବଂ ଯାତ୍ରୀମାନେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି ।

## ଏପ୍ରିଲ ୩, ୪ ଓ ୫ରେ ଯୋଡ଼ା ମହୋତ୍ସବ; କମିଟି କର୍ମକର୍ତ୍ତା ମନୋନୀତ

ଯୋଡା,୧୩।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌର ସଭାଗୃହରେ ବୁଧବାର ସନ୍ଧ୍ୟାରେ ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ମହୋତ୍ସବ ଏପ୍ରିଲ ୩, ୪ % ୫ ତାରିଖ ସ୍ଥିରୀକୃତ ହୋଇଥିଲା ବେଳେ ଏହାର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକରେ ସର୍ବସମ୍ମତିକ୍ରମେ ପରିଚାଳନା କର୍ମକର୍ତ୍ତା ମନୋନୀତ ହୋଇଛନ୍ତି । କମିଟିରେ ସଭାପତି ଭାବେ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, କାର୍ଯ୍ୟକାରୀ



ସଭାପତି ଭାବେ ଚମ୍ପୁଆ ନିର୍ବାଚନମଣ୍ଡଳୀ ସାଂସଦ ପ୍ରତିନିଧି ଆର୍‌କେ ଦାସ, ସାଧାରଣ ସମ୍ପାଦକ ଭାବେ ପାର୍ଥସାରଥୀ ଷଡ଼ଙ୍ଗୀ, ଉପଦେଷ୍ଟା ଭାବେ ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକ, ଯୋଡା ନଗରପାଳ ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ସୁଶାନ୍ତ ବାରିକ, ପ୍ରକାଶ ମହାନ୍ତି, ଉପସଭାପତି ଭାବେ ଚର୍ଚ୍ଚିଲ୍ ମହାକୁଡ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡା ପୌରନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ଯୋଡା ବିଡ଼ିଓ ଡେନିସ ବେହେରା, ସମ୍ପାଦକ ଭାବେ ଆର୍‌କେ ସିଂ, ରେଣୁକା ବେହେରା, ଜଗନ୍ନାଥ ପାଣିଗ୍ରାହୀ, ଯୋଡା ନଗର ସାଂସଦ ପ୍ରତିନିଧି ବିଏନ୍ ଦାସ, କୋଷାଧ୍ୟକ୍ଷ ଭାବେ ସୁଶାନ୍ତ କୁମାର ବେବର୍ତ୍ତା ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ୧୨ ଜଣଙ୍କୁ ମନୋନୀତ କରାଯାଇଛି । ବୈଠକରେ ବିଭିନ୍ନ ବର୍ଗର ପ୍ରତିନିଧି ଏବଂ ଜନସାଧାରଣ ଉପସ୍ଥିତ ଥିଲେ ।

### ସରିଲା ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

## ଆଶାୟୀ ୧୬୮୭; ବଣ୍ଟାଗଲା ୫୨ ନିଯୁକ୍ତିପତ୍ର

କେନ୍ଦୁଝର, ୧୩।୩(ସମିସ): ୨୦୨୫-୨୬ ବର୍ଷ ପାଇଁ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆଜି କେନ୍ଦୁଝରସ୍ଥିତ ଓଡ଼ିଶା ସ୍କୁଲ୍ ଅଫ୍ ମାଇନିଂ ଇଞ୍ଜିନିୟରିଂର ଖେଳ ପଡ଼ିଆରେ ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଯୁବକଯୁବତୀମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି କାର୍ଯ୍ୟାଳୟ, କେନ୍ଦୁଝର ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମେଳାରେ ନାମୀଦାମୀ ସ୍ଥାନୀୟ ଶିଳ୍ପାନୁଷ୍ଠାନ, ପ୍ରଶିକ୍ଷଣ ସହଯୋଗୀ ଏବଂ ପ୍ଲେସମେଣ୍ଟ୍ ଏଜେନ୍ସି ସମେତ ମୋଟ ୪୩ଟି ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ । ଜେଏସଡବ୍ଲୁ ଗ୍ରୁପ୍, ଆର୍ଡେଣ୍ଟ ଷ୍ଟିଲ୍ ଲିମିଟେଡ୍, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଏବଂ ଏମଏସପି ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ ଭଳି ପ୍ରମୁଖ କମ୍ପାନୀ ସାମିଲ ଥିଲେ । ସମଗ୍ର ଜିଲ୍ଲାରୁ ନିଯୁକ୍ତି ଆଶାୟୀମାନେ ଅତ୍ୟନ୍ତ ଉତ୍ସାହର ସହ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ




କରିଥିବାର ଦେଖିବାକୁ ମିଳିଥିଲା । ବିଭିନ୍ନ ନିଯୁକ୍ତି ସୁଯୋଗର ସନ୍ଧାନ ପାଇଁ ମୋଟ ୧,୬୮୭ ଜଣ ପ୍ରାର୍ଥୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅଂଶଗ୍ରହଣ କରିଥିବା ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରାଥମିକ ଯାଞ୍ଚ ଏବଂ ସାକ୍ଷାତକାର ପରେ ସ୍ଥାନୀୟ କମ୍ପାନୀଗୁଡ଼ିକ ଦ୍ୱାରା ୧୩୫ ଜଣ ପ୍ରାର୍ଥୀ, ଡବ୍ଲୁଏସସି ଦ୍ୱାରା ୧୯ ଜଣ ପ୍ରାର୍ଥୀ ଏବଂ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ୩୩୬ ଜଣ ପ୍ରାର୍ଥୀଙ୍କୁ ସର୍ଟଲିଷ୍ଟ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅବସରରେ ମନୋନୀତ ପ୍ରାର୍ଥୀମାନଙ୍କୁ ୫୨ଟି ନିଯୁକ୍ତି ପତ୍ର ମଧ୍ୟ ବଣ୍ଟନ କରାଯାଇଛି । କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଏବଂ ଓସଏମଇ ଅଧ୍ୟକ୍ଷ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନିଯୁକ୍ତିଦାତା ଏବଂ ନିଯୁକ୍ତି ଆଶାୟୀଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ଏବଂ କେନ୍ଦୁଝର ଜିଲ୍ଲାର ଯୁବକଯୁବତୀମାନଙ୍କ ପାଇଁ ନିଯୁକ୍ତି ସୁଯୋଗକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହୋଇଛି ।

### • ରନ୍ଧନ ଗ୍ୟାସ୍‌ର କୃତ୍ରିମ ଅଭାବ

## ଏଜେନ୍ସି ଗୋଦାମ ଯାଞ୍ଚ

ଆନନ୍ଦପୁର, ୧୩।୩ (ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଜାଳେଣି ଗ୍ୟାସର ଅଭାବ ପରିଲକ୍ଷିତ ହୋଇଛି । ଏହାର ସୁଯୋଗ ନେଇ ଆନନ୍ଦପୁର ଅଞ୍ଚଳର କେତେକ ଗ୍ୟାସ୍ ବିତରକ ବଜାରରେ କୃତ୍ରିମ ଅଭାବ ପରିସ୍ଥିତି ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ପରେ ଆଜି ଆନନ୍ଦପୁର ପ୍ରଶାସନ ଓ ପୁଲିସ୍ ଆକ୍ସନ୍ ମୋଡକୁ ଆସିଛି । ଆନନ୍ଦପୁର ଉପଜିଲ୍ଲାପାଳ ଓ ଏସଡିପିଓ ମିଳିତ ଭାବେ ଉପଖଣ୍ଡର ସମସ୍ତ ଗ୍ୟାସ୍ ଏଜେନ୍ସିରେ ପହଞ୍ଚି ଯାଞ୍ଚ କରିଛନ୍ତି । ଯାଞ୍ଚ ପରେ ବିଭିନ୍ନ ଏଜେନ୍ସିରେ ଗ୍ୟାସ୍ ମହଜୁଦଥିବା କହିଛନ୍ତି ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା । ଏନେଇ ଗ୍ରାହକମାନେ ଆଦୌ ବିଚଳିତ ନହେବାକୁ ପରାମର୍ଶ କରିଛନ୍ତି । ଯଦି କେହି ଗ୍ୟାସ୍ କଳାବଜାର କରେ ତେବେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ପରାମର୍ଶ କରିଛନ୍ତି । ଅନ୍ୟପଟେ ଗ୍ୟାସ୍ ବୁକିଂ ପାଇଁ ବିତରଣ କମ୍ପାନୀମାନେ ଜାରିକରିଥିବା ବୁକିଂ ଟୋଲ-ଫ୍ରି ମୋବାଇଲ୍ ନମ୍ବର ଦୁଇଦିନ ହେଲା କାମ କରୁନାହିଁ । ଫଳରେ ଗ୍ରାହକମାନେ ଗ୍ୟାସ୍ ବୁକିଂ କରିପାରୁ ନଥିବା ଅଭିଯୋଗ ହୋଇଛି ।

## ୭ ଦିନରେ ୫୨ ୟୁନିଟ୍ ଜରୁରିକାଳୀନ ରକ୍ତଦାନ

### 'ଭରସା' ପରିବାର ପକ୍ଷରୁ ସେବାକାର୍ଯ୍ୟ

କେନ୍ଦୁଝର,୧୩।୩(ସମିସ): ରକ୍ତଦାନ କ୍ଷେତ୍ରରେ ସମାଜ ପାଇଁ ବିଶ୍ୱାସ ଓ ଭରସାର ପ୍ରତୀକ ସାଜିଥିବା 'ଭରସା' ପରିବାର ଟ୍ରଷ୍ଟ ଏକ ସପ୍ତାହ ମଧ୍ୟରେ ୫୨ ୟୁନିଟ ଜରୁରିକାଳୀନ ରକ୍ତଦାନ କରି ସମାଜସେବା କାର୍ଯ୍ୟକ୍ଷେତ୍ରରେ ଏକ ଉଦାହରଣ ସାଜିଛି । କେବଳ କେନ୍ଦୁଝର ନୁହେଁ; ଚମ୍ପୁଆ, କରଞ୍ଜିଆ, କଟକ ଓ ଭୁବନେଶ୍ୱରରେ ଦୀର୍ଘ ୫ ବର୍ଷ ଧରି ତତ୍କାଳ ରକ୍ତଦାନ କରି ଲୋକଙ୍କ ଆଶା ଭରସାର ପାତ୍ର ସାଜିଛି ଭରସା ପରିବାର ଟ୍ରଷ୍ଟ । ଗ୍ରୀଷ୍ମର ଆଗମନ ହେଉ ହେଉ କେନ୍ଦୁଝର ରକ୍ତଭଣ୍ଡାରରେ ରକ୍ତର ଘୋର ସଙ୍କଟ ଦେଖାଯିବାରୁ ରୋଗୀଙ୍କ ସମ୍ପର୍କୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ଟ୍ରଷ୍ଟ ସଭାପତି ଲମ୍ବୋଦର ମହାନ୍ତ, ରକ୍ତଦାତା ସଂଯୋଜକ ସେକ ତହିଦ, ଛାତ୍ର ସଂଯୋଜକ ଶାଶ୍ୱତ ତ୍ରିପାଠୀ, କରଣ ରାୟ ଓ ଗୌତମ ଦାସଙ୍କୁ ଯୋଗାଯୋଗ କରିଚାଲିଛନ୍ତି । ଅନୁରୋଧ ରକ୍ଷା କରି ସଂଗଠନର କର୍ମକର୍ତ୍ତା



ସ୍ୱେଚ୍ଛାକୃତଭାବେ ସମ୍ପୂର୍ଣ୍ଣ ଅଜଣା ଅଚିହ୍ନା ରୋଗୀଙ୍କୁ ରକ୍ତଦାନ କରି ସମାଜ ପାଇଁ ଉଦାହରଣ ସାଜୁଛନ୍ତି । ସେହିଭଳି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ପାଇଁ ଦିଲ୍ଲୀପ ମୁଣ୍ଡା, ରଶ୍ମିରେଖା ମହାକୁଡ, ଶରତ ଖିଲ୍ଲାର ହେମନ୍ତ ମହାନ୍ତ ନିଜେ ରକ୍ତଦାନ କରିବା ସହିତ ରକ୍ତଦାତା ଯୋଗାଡ଼ କରି ଅସହାୟ ରୋଗୀଙ୍କ ପାଇଁ ଦେବଦୂତ ସାଜିଛନ୍ତି । କଟକ ବଡ଼ ମେଡିକାଲରେ ସ୍ମୃତି ସାହୁ, ଦେବାନନ୍ଦ ଦାଶ, ଯଶବନ୍ତ ମହାନ୍ତି ପ୍ରମୁଖ ରକ୍ତ ଯୋଗାଡ଼ କରି ଅସହାୟ ରୋଗୀଙ୍କୁ ପ୍ରଦାନ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରୁଛନ୍ତି । ଆଜି ପର୍ଯ୍ୟନ୍ତ ସଂଗଠନ ପକ୍ଷରୁ ୨୦,୨୦୫ ୟୁନିଟ ଜରୁରିକାଳୀନ ରକ୍ତଦାନ କରାଯାଇଥିବା ସଭାପତି ଲମ୍ବୋଦର ମହାନ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଜିଲ୍ଲାସ୍ତରୀୟ ଜନଗଣନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**କେନ୍ଦୁଝର, ୧୩।୩(ସମିସ):** କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର ହଲ୍‌ଠାରେ ପ୍ରଥମ ପର୍ଯ୍ୟାୟ ଜନଗଣନା-୨୦୨୭ ପାଇଁ କ୍ଷେତ୍ର ପ୍ରଶିକ୍ଷାର୍ଥୀଙ୍କର ତିନିଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ମାର୍ଚ୍ଚ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନରମାନେ ଫିଲ୍ଡ ଟ୍ରେନରଙ୍କୁ ଆଗାମୀ 'ଜନଗଣନା ୨୦୨୭'ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ପାଇଁ ଆବଶ୍ୟକ ମାର୍ଗଦର୍ଶିକା ପ୍ରଦାନ କରିଥିଲେ । ଶେଷ ଦିନରେ ଶିକ୍ଷାର୍ଥୀମାନେ କେବଳ ତତ୍ତ୍ୱଗତ ଜ୍ଞାନରେ ସୀମିତ ନ ରହି ବାସ୍ତବ ଅଭିଜ୍ଞତା ହାସଲ କରିଛନ୍ତି । ପ୍ରାୟ ୩୫ ଜଣ ଫିଲ୍ଡ ଟ୍ରେନର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଅଞ୍ଚଳରେ ଏକ ନମୁନା ସର୍ଭେ? କରିଥିଲେ । ଏହି ଅଭ୍ୟାସ ଦ୍ୱାରା ଜନଗଣନା ସମୟରେ ସାମ୍ନାକୁ ଆସୁଥିବା ସମସ୍ୟା ଓ ତଥ୍ୟ ସଂଗ୍ରହର ସଠିକ ଶୈଳୀ ସମ୍ପର୍କରେ ସେମାନେ ଅବଗତ ହୋଇଥିଲେ । ଏହି ଟ୍ରେନରମାନେ ଆଗାମୀ ଦିନରେ ଜିଲ୍ଲାର ସୁପରଭାଇଜର ଏବଂ ଗଣନାକାରୀଙ୍କୁ ପ୍ରଶିକ୍ଷିତ କରିବେ । 'ଜନଗଣନା ୨୦୨୭'କୁ ସୁରୁଖୁରୁରେ ଓ ତ୍ରୁଟିଶୂନ୍ୟ ଭାବେ ସମ୍ପାଦନ କରିବାକୁ ର୍ନିଶେ ଦେଇଛନ୍ତି । ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ, ଜିଲ୍ଲା ଜନଗଣନା ଅଧିକାରୀ, ଡେପୁଟି କଲେକ୍ଟର ତଥା ଡେପୁଟି ଜନଗଣନା ଅଧିକାରୀ ଏବଂ ସହକାରୀ କଲେକ୍ଟର ତଥା ସହକାରୀ ଜନଗଣନା ଅଧିକାରୀ ଯୋଗ ଦେଇଥିଲେ ।

## ଜଜାଙ୍ଗ ଏ ଖଣି କୁ ହାତେଇଲା କାଶବି ଇଣ୍ଟର୍‌ନ୍ୟାସନାଲ

ଯୋଡ଼ା, ୧୩।୩(ସମିସ): କେନ୍ଦୁଝର ଜିଲ୍ଲା ଖଣି ମଣ୍ଡଳରେ ଲିଜ ଅବଧି ସରିଥିବା ଖଣିଗୁଡିକୁ ନିଲାମ ପ୍ରକ୍ରିୟାରେ ସାମିଲ କରାଯାଇଥିବା ବେଳେ କ୍ରମାଗତ ଭାବେ ଦୁଇ ଦୁଇଟି ଖଣିର ନିଲାମ ପ୍ରକ୍ରିୟା ସରିଯାଇଛି । ଗତ କାଲିର ଏହି ନିଲାମ ପ୍ରକ୍ରିୟାରେ ଜଜାଙ୍ଗ ଏ ଆଇରନ ଓ ମାଙ୍ଗାନିଜ ଖଣିକୁ କାଶବି ଇଣ୍ଟରନ୍ୟାସନାଲ ୧୨୭.୦୧ ପ୍ରତିଶତ ପ୍ରିମିୟମରେ ଅନ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ ହାତେଇଥିବା ସୂଚନା ମିଳିଛି । ପୂର୍ବରୁ କାଶବି ଇଣ୍ଟରନ୍ୟାସନାଲ ଖଣି କମ୍ପାନୀର ଯୋଡ଼ା ଖଣି ମଣ୍ଡଳରେ ଦୁଇଟି ଖଣି ରହିଥିବା ବେଳେ ଏହା ତାଙ୍କର ତୃତୀୟ ଖଣି । ଏହି ଖଣିଟି ପୂର୍ବରୁ ହରଗୋବିନ୍ଦ ପାଣ୍ଡ୍ୟାଙ୍କ ନାଁରେ ଲିଜ ରହିଥିଲା । ଏହି ଖଣିଟି ୪୫ରୁ ୫୮ ଗ୍ରେଡ୍‌ର ଲୁହା ପଥର ଗଚ୍ଛିତ ଥିବା ଜଣାପଡ଼ିଛି ।

### ଥମୁନି ଚୋରା ବାଲି କାରବାର

# ଦୈନିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି

**ଆନନ୍ଦପୁର, ୧୩।୩(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ୟବଧାନରେ ମାଫିଆମାନେ ବିଭିନ୍ନ ସ୍ଥାନରୁ ରାଜସ୍ୱ ଫାଙ୍କି ତହସିଲ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତରୁ । ଚୋରାରେ ବାଲି ପ୍ରଶାସନର ଅଣଦେଖା ଯୋଗୁଁ ଦିନକୁ ଦିନ ଏହା ବଢିବାକୁ ନିକଟରେ ଥିବା କୁଶେଇ ନଦୀ ଘାଟରୁ ପ୍ରତିଦିନ ଦିନ ଅଭିଯୋଗ ହେଉଛି । ପୁଣି ବେଆଇନ ଭାବେ ଖୋଲାମେଲା ଅଭିଯୋଗ ହେଉଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଉଠାଇ ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି । ଏହାଫଳରେ ହେଉଥିବା କୁହାଯାଉଛି । ଏହି ଚୋରା ବାଲି ଉତ୍ତୋଳନ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ବଢିବାକୁ ଲାଗିଛି । କେହି କେହି ଅଭିଯୋଗ କରୁଛନ୍ତି ଫଳରେ ବାଲି ମାଫିଆମାନେ ନିର୍ଭୟରେ ଏହି ଅବୈଧ ଲଘୁ ଖଣିଜ ଦ୍ରବ୍ୟ ଚୋରି ହେଉଥିବା ସତ୍ତ୍ୱେ ସ୍ଥାନୀୟ ପ୍ରଶ୍ନ ଉଠିଛି । ତେବେ କାହାର ଇସାରାରେ ଏହି ବାଲି ପକ୍ଷରୁ ଏହା ଉପରେ ସମ୍ପୂର୍ଣ୍ଣ ଲଗାମ ଲାଗିବ ସେନେଇ ବ୍ୟବଧାନରେ ଏଭଳି ବାଲି ଲୁଟ୍ ଯୋଗୁଁ ସାଧାରଣ ସମ୍ପଦ ମଧ୍ୟ ହ୍ରାସ ପାଇବାରେ ଲାଗିଛି । ଯା'ଫଳରେ କାରଣରୁ ଏହା ଉପରେ ଠୋସ୍ ଯୋଜନା କାର୍ଯ୍ୟକାରୀ



ଉପଖଣ୍ଡରେ ବାଲି ଲୁଟ୍ ବନ୍ଦ ହେବାର ନାଁ ଧରୁନାହିଁ । ସମୟ ଚାଲିଛନ୍ତି । ଏଭଳି ଏକ ଅଭିଯୋଗ ପୁଣି ଆସିଛି ଘଷିପୁରା ଉତ୍ତୋଳନ କରାଯାଉଥିବା ବେଳେ ପୁଲିସ କିମ୍ବା ତହସିଲ ଲାଗିଛି । ସୂଚନା ଅନୁସାରେ, ପଞ୍ଚାୟତର ହାତୀଶିଳା ଗ୍ରାମ ଦ୍ୱିପ୍ରହରରେ ଖୋଲାଖୋଲି ବାଲି ଲୁଟ୍ କରାଯାଉଥିବା ଭାବେ ମେସିନ ସାହାଯ୍ୟରେ ବାଲି ଉଠାଯାଉଥିବା ବାଲି ମାଫିଆମାନେ ନଦୀ ଘାଟରୁ ବହୁ ପରିମାଣରେ ବାଲି ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ଲଘୁ ଖଣିଜ ଦ୍ରବ୍ୟ ଚୋରି ବିଷୟରେ ଅନେକଥର ଅଭିଯୋଗ ହୋଇଥିଲେ ମଧ୍ୟ ହେଉ ନଥିବାରୁ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ଯେ କିଛି ଅଧିକାରୀଙ୍କ ନିରବ ସମର୍ଥନ କିମ୍ବା ଲାଞ୍ଚ ନେବା କାରବାର ଚଳାଇଛନ୍ତି । କୋଟି କୋଟି ଟଙ୍କାର ସରକାରୀ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥିବା ନେଇ ସାଧାରଣରେ ମାଫିଆଙ୍କ ଦୌରାତ୍ମ୍ୟ ବଢୁଛି ଏବଂ କେବେ ପ୍ରଶାସନ ସାଧାରଣରେ ପ୍ରଶ୍ନ ହୋଇଛି । ଅପରପକ୍ଷରେ, ନିୟମିତ ଜୀବନଯାତ୍ରା ବିପର୍ଯ୍ୟସ୍ତ ଅବସ୍ଥାରେ ରହୁଥିବା ସହ ପ୍ରାକୃତିକ ପରିବେଶ ଅସନ୍ତୁଳିତ ରହୁଛି । ଏଥିପାଇଁ ପ୍ରଶାସନ କେଉଁ କରିପାରୁନାହିଁ ତାହା ମଧ୍ୟ ବଡ଼ ପ୍ରଶ୍ନବାଚୀ ହୋଇରହିଛି ।

ବିଜୁ ବିପ୍ଣଣୀ ମାଳା ମାର୍କେଟ୍ କମ୍ପ୍ଲେକ୍ସ

# ଦୋକାନ ଗୃହ ବଣ୍ଟନରେ ଅନିୟମିତତା

ବାରିପଦା/କରଞ୍ଜିଆ, ୧୩।୩(ସମିସ)




ଯଶିପୁର ସହରରେ ନିର୍ମିତ ବିଜୁ ବିପ୍ଣଣୀ ମାଳା ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଗୃହ ବଣ୍ଟନରେ ବ୍ୟାପକ ଅନିୟମିତତା ନେଇ ମୟୂରଭଞ୍ଜ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିବାବେଳେ ଏହାକୁ ନେଇ ରାଜ୍ୟ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି ଅଭିଯୋଗକାରୀ ଅମରେନ୍ଦ୍ର ସାହୁ। ୨୦୨୫ ନଭେମ୍ବର ୧୫ ତାରିଖ ଦିନ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ ହୋଇଥିଲା। ବିଜୁ ବିପ୍ଣଣୀ ମାଳାର ଉପର ମହଲାରେ ନିୟମ ଓ ସର୍ତ୍ତ ଭିତ୍ତିରେ ଅମରେନ୍ଦ୍ର ସାହୁଙ୍କ ସହ ଅନ୍ୟ ୪ ଜଣଙ୍କୁ ଦୋକାନ ଗୃହ ଯୋଗାଇ ଦିଆଯାଇଛି। ୨୦୧୦ରୁ ସେ ଦୋକାନ ଗୃହ ଜବରଦଖଲକାରୀଙ୍କ ଦଖଲରେ ଥିବା ସ୍ଥଳେ ଦୀର୍ଘଦିନ ପରେ ଠିକାଦାର ତଳମହଲାକୁ ଜାମଦାସାହି ପଞ୍ଚାୟତକୁ ହସ୍ତାନ୍ତର କରିବା ପରେ ଅନ୍ୟ କିଛି ବ୍ୟକ୍ତି ପରବର୍ତ୍ତୀ ସମୟରେ ନିଜ ଦଖଲକୁ ବୈଧ କରିବାକୁ ଅପପ୍ରୟାସ କରିଛନ୍ତି। ଯାହାକି ସେହି ବ୍ୟକ୍ତିମାନେ ୬ଟି କୋଠରୀକୁ ସରକାରୀ ନିୟମ ଉଲ୍ଲଂଘନ କରି ନିଜ ପତ୍ନୀ ଓ ଭଉଣୀ ନାମରେ ୩୦ ହଜାର ଲେଖାଏଁ ଘରଭଡା ବାବଦକୁ ଦାଖଲ କରିଥିବା ସୂଚନା ମିଳିଛି। ବର୍ତ୍ତମାନ ସେହି ୬ଟି କୋଠରୀ ମଧ୍ୟରୁ ଗୋଟିଏରେ ଚପଲ ଦୋକାନ ଖୋଲା ଯାଇଥିବାବେଳେ ଆଉଏକ କୋଠରୀରେ ଖାତାବହି ଦୋକାନ ଖୋଲାଯାଇଛି।

ସୂଚନା ଅଧିକାର ଆଇନ ଅନୁସାରେ ମିଳିଥିବା ତଥ୍ୟରୁ ଜଣାଯାଏ ଯେ, ଜାମଦାସାହି ପଞ୍ଚାୟତ ଅଫିସ୍ ପକ୍ଷରୁ ଦୋକାନ ଗୃହ ବଣ୍ଟନ ପାଇଁ ବିଜ୍ଞାପନ ପ୍ରକାଶ କରାଯାଇନାହିଁ କି କୋଠରୀ ବଣ୍ଟନ କରାଯାଇନାହିଁ। ହେଲେ ୬ଟି ଦୋକାନ ଗୃହ ୬ ଜଣ ବାଣ୍ଟି ନେଇଛନ୍ତି। ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦରଖାସ୍ତରେ ଅଭିଯୋଗକାରୀ ଅମରେନ୍ଦ୍ର ସାହୁ ଦର୍ଶାଇଛନ୍ତି ଯେ ସେ ଉପର ମହଲାରେ କରିଥିବା ପୁସ୍ତକ ଦୋକାନର ଠିକ୍ ତଳ ମହଲାରେ ଆଉଜଣେ ପାଠ୍ୟ ଉପକରଣ ଦୋକାନ ଖୋଲିଛନ୍ତି। ଏହାଦ୍ୱାରା ଉପରେ ଥିବା ପାଠ୍ୟ ଉପକରଣ ଦୋକାନକୁ ଗ୍ରାହକ କମ୍ ଯାଉଛନ୍ତି। ଯାହାକି ବ୍ୟବସାୟ ପ୍ରଭାବିତ ହେଉଛି। ଏଣୁ ତଳ ମହଲାରେ ଅବୈଧ ଭାବେ ଦଖଲ କରିଥିବା ଦୋକାନ ଗୃହକୁ ଜବରଦଖଲ ମୁକ୍ତ କରିବା ସଙ୍ଗେ ସଙ୍ଗେ ଦୋକାନ କୋଠରୀଗୁଡ଼ିକୁ ସରକାରୀ ନିୟମ ଅନୁସାରେ ବଣ୍ଟନ କରାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅନୁରୋଧ କରାଯାଇଛି। ଏହି ଅଭିଯୋଗ ପାଇବା ମାତ୍ରେ ପାଞ୍ଚପିଢ କରଞ୍ଜିଆ ପିଜି ସେଲ୍‌ଫର ନୋଡାଲ ଅଫିସର ତୁରନ୍ତ ଯଶିପୁର ବିଡିଓଙ୍କୁ ତଦନ୍ତ କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୧୫।୯।୨୦୨୫ରେ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ବିଡିଓ ନିରବ ରହି କୌଣସି ପଦକ୍ଷେପ ନେଇ ନ ଥିଲେ। ପଞ୍ଚାୟତ ନିୟମ ଅନୁସାରେ ଭଡାଧାରୀ ଅଥବା ପାଖ ଦୋକାନୀଙ୍କ ଅସୁବିଧା ହେବାଭଳି କାର୍ଯ୍ୟ, ବ୍ୟବସାୟ କରିବେ ନାହିଁ କି ଉକ୍ତ ଗୃହ ଅନ୍ୟ କାହାରିକୁ ହସ୍ତାନ୍ତର କରିପାରିବେନାହିଁ। ବିବାଦ ଉପୁଜିଲେ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ନିଷ୍ପତ୍ତିକୁ ଉଭୟ ପକ୍ଷ ମାନିବାକୁ ବାଧ୍ୟ ହେବେ। ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଛି। ଫଳରେ ଅଭିଯୋଗକାରୀ ଶ୍ରୀ ସାହୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟରେ ରିଟ୍ ପିଟିସନ ଦାଖଲ କରିବା ପରେ ବିଚାରପତି ଆର୍‌କେ ପଟ୍ଟନାୟକ ଅଭିଯୋଗର ତର୍ଜମା କରି ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଅଭିଯୋଗକାରୀଙ୍କ ଅଭିଯୋଗକୁ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରିବା ସହ ପଦକ୍ଷେପ ଗ୍ରହଣ କରିବାକୁ ଚିଠି କରିଛନ୍ତି। ତେବେ ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ହେଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅବଧି ଶେଷ ହୋଇଥିଲେ ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇନାହିଁ। ଏଥିପାଇଁ ଅଭିଯୋଗକାରୀ ଶ୍ରୀ ସାହୁ ପୁନର୍ବାର ନ୍ୟାୟ ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ଜଣାଇଛନ୍ତି।

**ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପ୍ରଶାସନର ବେଖାତିର**

ଦ୍ୱିତୀୟ ଶ୍ରୀକ୍ଷେତ୍ର ସେବାୟତଙ୍କ ଆନ୍ଦୋଳନ ପ୍ରସଙ୍ଗ

## ରାଜ୍ୟ ସରକାରଙ୍କୁ ଜିଲ୍ଲା ପ୍ରଶାସନର ୧୨୦ କୋଟିର ପ୍ରସ୍ତାବ



**ବାରିପଦା, ୧୩।୩(ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିରର ଅଚଳାବସ୍ଥାକୁ ନେଇ ସେବାୟତମାନେ ଫେବୃଆରୀ ୧୭ ତାରିଖରେ ଅଭିନବ ଉପାୟରେ ଧାରଣା ଦେଇଥିଲେ। ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଆଣ୍ଠେଇ ଦୀପ ଜାଳିବା ସହିତ ମନ୍ଦିରର ଅଚଳାବସ୍ଥା ଦୂର କରିବାକୁ ଦାବି କରିଥିଲେ। ତେବେ ଜିଲ୍ଲାପାଳ ହେମକାନ୍ତ ସଏ ସେମାନଙ୍କ ସହ ଆଲୋଚନା କରି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପ୍ରଦାନ କରିବାରୁ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ। ଏକ ମାସ ମଧ୍ୟରେ ବହୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଜିଲ୍ଲାପାଳ ସେଦିନ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ଶୁକ୍ରବାର ସକାଳେ ସେବାୟତଙ୍କ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଉକ୍ତ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ମନ୍ଦିର ଉନ୍ନତି ପାଇଁ ୧୨୦ କୋଟି ଟଙ୍କାର ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିଲା। ପୂଜକ ଅରୁଣ କୁମାର ମିଶ୍ର, କାମେଶ୍ୱର ତ୍ରିପାଠୀ, ଦେବକାନ୍ତ ପଣ୍ଡା, ରାଧାଶ୍ୟାମ ମହାପାତ୍ର, ଚଣ୍ଡିପ୍ରସାଦ ଦାସ ଓ ସେବାୟତ ବିମଳଲୋଚନ ଦେଓଘରିଆ ପ୍ରମୁଖ ଆଲୋଚନା ସମୟରେ ଉପସ୍ଥିତ ଥିଲେ।

ବାସନ୍ତୀ ପୂଜା ମଣ୍ଡପ କାମ ନିମ୍ନମାନର ଅଭିଯୋଗ

## ବିଡିଓଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ

**ରାସଗୋବିନ୍ଦପୁର, ୧୩।୩(ସମିସ):** ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଦେବଷୋଳ ପଞ୍ଚାୟତର ମୂଷାମାରି ପେଟ୍ରୋଲ ପମ୍ପ ଛକ ନିକଟରେ ୨୦୨୪-୨୫ ଆର୍ଥିକ ବର୍ଷର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୪ ଲକ୍ଷ ୫୦ ହଜାର ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା ବାସନ୍ତୀ ପୂଜା ମଣ୍ଡପ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଗୁରୁବାର ପୂଜା କମିଟି ସଭାପତି ପ୍ରଫୁଲ୍ଲ କୁମାର ଦଲେଇ ଓ ସମ୍ପାଦକ ଗଗନ କୁମାର ସାହୁଙ୍କ ନେତୃତ୍ୱରେ କମିଟି ସଦସ୍ୟ ଓ ଗ୍ରାମବାସୀ ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦାଙ୍କୁ ଅଭିଯୋଗ କରିଛନ୍ତି। ବାସନ୍ତୀ ପୂଜା ମଣ୍ଡପ କାମ କିନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତରେ ହେଉଥିବାବେଳେ ଗୃହ ନିର୍ମାଣ ଆରମ୍ଭରେ କଲୋମ ଢାଳି ଦିଆ ନ ଯାଇ କଲୋମ ଛିଡ଼ା କରାଯାଇଛି। ଏତଦବ୍ୟତୀତ ଢୋଳେଇ ସମୟରେ ସିମେଣ୍ଟ ଓ ବାଲିର ମିଶ୍ରଣ ସରକାରଙ୍କ ଧାର୍ଯ୍ୟ ଅନୁପାତରୁ କମ ଦିଆଯାଇ କାମ କରାଯାଉଛି। ପୂଜା କମିଟି ପକ୍ଷରୁ ଠିକାଦାରଙ୍କୁ କାମ ଠିକ ଭାବେ କରିବା ପାଇଁ କହିଲେ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବିନା କାମରେ ବିଲ ଉଠାଇନେବି ବୋଲି ଧମକ ଦେଇଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ତେଣୁ ଉଚ୍ଚସ୍ତରୀୟ କମିଟି ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।



## ଦୁର୍ଘଟଣାରେ ଯୁବକ ଗୁରୁତର

**କୁଆଁମରା, ୧୩।୩(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ଡୁକୁରା ନିକଟରେ ଗତ ୨୮ ତାରିଖ ରାତିରେ ଡୁକୁରା ଗ୍ରାମର ସରୋଜ କୁମାର ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଏକ ବାଇକ ଚାଳକ ଦ୍ରୁତ ଗତିରେ ଆସି ଧକ୍କା ଦେବାରୁ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସ୍ଥାନୀୟ ଡାକ୍ତରଖାନାରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରସ୍ଥ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ଶ୍ରୀ ସାହୁ ଚିକିତ୍ସାଧୀନ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କର ଚେତା ଫେରି ନ ଥିବା ଜଣାପଡ଼ିଛି। ତେବେ ଆଜି ସନ୍ଧ୍ୟାରେ ତାଙ୍କ ଭାଇ ଶୁଭେନ୍ଦୁ ସାହୁଙ୍କ ଅଭିଯୋଗ କ୍ରମେ ୬୨/୨୬ରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ପରେ ବାଇକ ଚାଳକ ଫେରାର ହୋଇଯାଇଥିଲେ ମଧ୍ୟ ସମ୍ପୃକ୍ତ ବାଇକକୁ ଡୁକୁରା ଫାଣ୍ଡି ପୁଲିସ ଅଟକ ରଖିଥିବା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି କହିଛନ୍ତି।

## ଶିକ୍ଷକଙ୍କ ପରଲୋକରେ ଅଞ୍ଚଳରେ ଶୋକ



**ମୋରଡ଼ା, ୧୩।୩(ସମିସ):** ମୋରଡା ବ୍ଲକ ଅଧୀନ ଦାନ୍ତିଆମୁହାଁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ପାତ୍ରଙ୍କ ଗୁରୁବାର ଅକାଳ ବିୟୋଗରେ ମୋରଡା ବ୍ଲକର ସମସ୍ତ ଶିକ୍ଷକଙ୍କ ମଧ୍ୟରେ ଦୁଃଖର ଛାୟା ଖେଳିଯାଇଛି। ଶିକ୍ଷକ ପାତ୍ର ପୂର୍ବରୁ ଦୁର୍ଗାପୁର ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ଶିକ୍ଷକ ଥିବାବେଳେ ଗତ ଏକମାସ ଦାନ୍ତିଆମୁହାଁ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ତେବେ ଶିକ୍ଷକ ପାତ୍ରଙ୍କ ମୃତ୍ୟୁ ପରେ ତାଙ୍କ ଚକ୍ଷୁ ଦାନ କରି ସେ ଶିକ୍ଷକ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଆଜି ଶିକ୍ଷକ ପାତ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦାନ୍ତିଆମୁହାଁ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟରେ ନିରବ ପ୍ରାର୍ଥନା କରାଯାଇଥିଲା। ମୋରଡା ବିଇଓ ବିଜୟ କୁମାର ପାଣିଗ୍ରାହୀଙ୍କ ତରଫରୁ ପାତ୍ରଙ୍କ ସ୍ତ୍ରୀ ଶକୁନ୍ତଳା ପାତ୍ରଙ୍କୁ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି।

- ଚକ୍ଷୁ ଦାନ କଲେ ପରିବାର ଲୋକ
- ୧୦ ହଜାର ଟଙ୍କା ପ୍ରଦାନ କଲେ ବିଇଓ

## ଜନଗଣନା ପାଇଁ କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ବାରିପଦା, ୧୩।୩(ସମିସ):** ଜନଗଣନା-୨୦୨୭ ଅନ୍ତର୍ଗତ ଗୃହ ତାଲିକା ଓ ଗୃହ ଜନଗଣନା କାର୍ଯ୍ୟକ୍ରମ ପାଇଁ କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲା ସମ୍ମିଳନୀ କକ୍ଷରେ ଶୁକ୍ରବାର ସଫଳତାର ସମ୍ପନ୍ନ ହୋଇଛି। ଭୁବନେଶ୍ୱରସ୍ଥ ଡାଇରେକ୍ଟୋରେଟ୍ ଅଫ୍ ସେନସସ୍ ଅପରେସନ୍ସ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି। ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରଶିକ୍ଷକମାନଙ୍କୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହୋଇଛି। ଏହା ମାର୍ଚ୍ଚ ୭ରୁ ୧୦ ତାରିଖ ଓ ମାର୍ଚ୍ଚ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ତିନିଟି ବ୍ୟାଚରେ ଆୟୋଜିତ ହୋଇଥିଲା। ପ୍ରଶିକ୍ଷଣ ସମୟରେ ଗୋଟିଏ ଦିନର ପ୍ରାୟୋଗିକ କ୍ଷେତ୍ର ପରିଦର୍ଶନ ମଧ୍ୟ ଆୟୋଜନ ହୋଇଛି। ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ହେବାକୁ ଥିବା ଗୃହ ତାଲିକା ଓ ଗୃହ ଜନଗଣନା, ଯାହା ଜନଗଣନା ୨୦୨୭ର ପ୍ରଥମ ପର୍ଯ୍ୟାୟ ଅନ୍ତର୍ଭୁକ୍ତ ଅଟେ। ସେଥିପାଇଁ କ୍ଷେତ୍ର ପ୍ରଶିକ୍ଷକଙ୍କୁ ପ୍ରସ୍ତୁତ କରିବା। ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ଜିଲ୍ଲା ସେନସସ୍ ଅଫିସରଙ୍କ ଅଧ୍ୟକ୍ଷତାରେ ମାଷ୍ଟର୍ ଟ୍ରେନର୍ ଭାବେ ଏବିଓ ଗୌତମ କୁମାର ପାତ୍ର, ବାରିପଦା ବିଇଓ ଅଭିମନ୍ୟୁ ସେଠୀ, ରାସଗୋବିନ୍ଦପୁର ଏବିଓ ବିଜୟ କୁମାର ବାରିକ ମିଳିତ ଭାବେ କ୍ଷେତ୍ର ପ୍ରଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷକମାନଙ୍କୁ ସମ୍ବୋଧନ କରି ଜନଗଣନା କାର୍ଯ୍ୟର ବିଭିନ୍ନ ପ୍ରାସଙ୍ଗିକ ବିଷୟବସ୍ତୁ ଉପରେ ବିସ୍ତୃତ ମାର୍ଗଦର୍ଶନ ଦେଇଥିଲେ। ସଠିକ୍ ତଥ୍ୟ ସଂଗ୍ରହର ଗୁରୁତ୍ୱ ଉଲ୍ଲେଖ କରି କ୍ଷେତ୍ର ପ୍ରଶିକ୍ଷକମାନଙ୍କୁ ଦାୟିତ୍ୱବାନ ଭାବେ କାମ କରିବାକୁ ଆହ୍ୱାନ କରିଥିଲେ। ଏହାସହ ଅର୍ଜିତ ଜ୍ଞାନକୁ ବ୍ୟବହାର କରି ଫିଲ୍ଡ ସ୍ତରରେ ଏନ୍ୟୁମେରେଟର୍ ଓ ସୁପରଭାଇଜରଙ୍କୁ କ୍ଷେତ୍ର ପ୍ରଶିକ୍ଷକମାନେ ସଠିକ୍ ମାର୍ଗଦର୍ଶନ ଦେବେ ବୋଲି ସମସ୍ତେ ଆଶାବ୍ୟକ୍ତ କରିଛନ୍ତି। ପ୍ରଶିକ୍ଷଣ ସମୟରେ ଏନ୍ୟୁମେରେସନ୍ ପ୍ରକ୍ରିୟା, ଘର ତାଲିକାକରଣ ପ୍ରଣାଳୀ, କ୍ଷେତ୍ର ସ୍ତରର ନିୟମାବଳୀ ଓ ସେନସସ୍ କାର୍ଯ୍ୟର ପ୍ରାୟୋଗିକ ଦିଗ ବିଷୟରେ ବିଭିନ୍ନ ସେସନ୍ ଆୟୋଜିତ ହୋଇଥିଲା। ପ୍ରାୟୋଗିକ କ୍ଷେତ୍ର ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀମାନେ ଘର ଘର ସର୍ଭେ କରିବାର ଅନୁଭବ ଲାଭ କରିଥିଲେ ଏବଂ କ୍ଷେତ୍ର ଅଭିଜ୍ଞତା ମଧ୍ୟ ଆଦାନପ୍ରଦାନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ କଲେକ୍ଟର (ସେନସସ୍) ମାନସୀ ତରାଇ ପରିଚାଳନା କରିଥିଲେ।

ଜିଲ୍ଲା ଠିକାଦାରଙ୍କୁ ଉପେକ୍ଷା

## ବିନା ଟେଣ୍ଡରରେ ବାହାର ରାଜ୍ୟ ସଂସ୍ଥାକୁ ନିର୍ମାଣ ଦାୟିତ୍ୱ



**ବାରିପଦା, ୧୩।୩(ସମିସ):** ବାରିପଦା ପୌରପାଳିକା ଅଧୀନରେ ୪ଟି ପୋଖରୀର ପୁନରୁଦ୍ଧାର କାବ ଶେଷ ହୋଇ ନ ଥିବାବେଳେ ବହୁ ପୁରାତନ ଝିଞ୍ଜିରିବନ୍ଧ ସହିତ ସନ୍ନିକଟ ଜୁବୁଲି ପାର୍କକୁ ମିଶାଇ ଏକ ପ୍ରୋଜେକ୍ଟ ଓ କ୍ଷେସନ ହାଟ ପ୍ରୋଜେକ୍ଟ କାର୍ଯ୍ୟକୁ ମିଶାଇ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାମକୁ ବିନା ଟେଣ୍ଡରରେ ଜିଲ୍ଲା ଠିକାଦାରଙ୍କୁ ଉପେକ୍ଷା କରି ରାଜ୍ୟ ବାହାର କୌଣସି ଏକ ସଂସ୍ଥାକୁ ଦିଆଯାଇଛି। ଏଭଳି ଖବର ପାଇ ଶୁକ୍ରବାର ଭଞ୍ଜସେନା ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ବିଭାଗୀୟ ମୁଖ୍ୟ ସଚିବ, ରାଜ୍ୟ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ, ଭିଜିଲାନ୍ସ ବିଭାଗ, ବାରିପଦା ପୌରପରିଷଦ ନଗରପାଳ ଓ ନିର୍ବାହୀ ଅଧିକାରୀ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନ ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ସତ୍ୟସ୍ୱରୂପ ଦାଶ, ଜିଲ୍ଲା ଆବାହକ ରାକେଶ ବେହେରା, ବାରିପଦା ସହର ସଭାପତି ରାକେଶ ମହାନ୍ତି, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ସଞ୍ଜୟ ମାହାନା, ସଞ୍ଜୟ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ୭ଦିନ ମଧ୍ୟରେ ଯଦି ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଦାବି ବାବଦରେ କୌଣସି ପଦକ୍ଷେପ ନିଆ ନ ଯାଏ, ତେବେ ସଂଗଠନ ପକ୍ଷରୁ ବାରିପଦା ପୌରପାଳିକା କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ସୂଚନା ଦେଇଛନ୍ତି।

**ଭଞ୍ଜସେନାର ଜିଲ୍ଲାପାଳଙ୍କୁ ଦାବିପତ୍ର**

ଜାତୀୟ ରାଜପଥ ଅବରୋଧ ବେଳେ ଉତ୍ତେଜନା ଘଟଣା

## ଆକ୍ରମଣ ଓ ଗାଡ଼ି ଭଙ୍ଗାରୁଜା ନେଇ ପୃଥକ ମାମଲା

**ରାଇରଙ୍ଗପୁର, ୧୩।୩(ସମିସ):** ବହଳଦା ବାଇପାସରେ ଜାତୀୟ ରାଜପଥ ଅବରୋଧ ବେଳେ ଗ୍ରାମବାସୀଙ୍କ ଦ୍ୱାରା ଉତ୍ତେଜନା ପରିସ୍ଥିତି ସୃଷ୍ଟି ନେଇ ଥାନାରେ ମାମଲା ରୁଜୁ ହୋଇଛି। ରାଜପଥ ଅବରୋଧ କରି ପୁଲିସକୁ ଆକ୍ରମଣ କରିବା ଓ ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ନେଇ ଗ୍ରାମବାସୀଙ୍କ ବିରୁଦ୍ଧରେ ଦୁଇଟି ପୃଥକ ମାମଲା ବହଳଦା ଥାନାରେ ପୁଲିସ ପକ୍ଷରୁ ରୁଜୁ କରାଯାଇଛି। ଯାହାକୁ ନେଇ ଖବର ଲେଖାଯିବା ପର୍ଯ୍ୟନ୍ତ ୩୮ ଜଣଙ୍କ ଥାନାରେ ଅଟକ ରଖାଯାଇଥିବାବେଳେ ଆଗକୁ ଗିରଫଦାରୀ ବଢ଼ିବ ବୋଲି ଜଣାପଡ଼ିଛି। ଜଣେ ନାବାଳିକାଙ୍କୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଅସଦାଚରଣ କରିବା ଅଭିଯୋଗରେ ଶୁକ୍ରବାର ତୁମୁଳକାଣ୍ଡ ଘଟିଥିଲା। ଜାତୀୟ ରାଜପଥ ଦୀର୍ଘ ୬ ଘଣ୍ଟା ଅବରୋଧ କରିଥିଲେ। ବୁଝାସୁଝା ପାଇଁ ଆସିଥିବା ପ୍ରଶାସନିକ ଅଧିକାରୀ ଓ ପୁଲିସକୁ ଗ୍ରାମବାସୀ ଆକ୍ରମଣ କରିଥିଲେ। ପ୍ରଶାସନିକ ଅଧିକାରୀ ଓ ପୁଲିସଙ୍କୁ ଇଟା, ପଥର ଫିଙ୍ଗିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ସ୍ଥାନୀୟ ତହସିଲଦାରଙ୍କ ଗାଡ଼ି ଭାଙ୍ଗିବା ସହ ରାସ୍ତାରେ ଓଲଟାଇ ଦେଇଥିଲେ। ପୁଲିସକୁ ଗ୍ରାମବାସୀ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଉକ୍ତ ଆକ୍ରମଣରେ ୮/୯ ଜଣ ପୁଲିସ ଆହତ ହୋଇଥିବା ନେଇ ସୂଚନା ମିଳିଛି। ଏହାକୁ ନେଇ ପୁଲିସ ପକ୍ଷରୁ ବହଳଦା ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଫଟୋ ଓ ଭିଡିଓ ଆଧାରରେ ଗିରଫଦାରୀ ଜାରି ରହିଛି। ଆଗକୁ ଗିରଫଦାରୀ ବୃଦ୍ଧି ପାଇବ ବୋଲି ରାଇରଙ୍ଗପୁର ଏସଡିପିଓ ବିରେନ୍ଦ୍ର ସେନାପତି କହିଛନ୍ତି। ଗିରଫଦାରୀ ଭୟରେ କିଛି ଗ୍ରାମବାସୀ ଫେରାର ହୋଇଥିବା ସୂଚନା ମିଳିଛି।

**୩୮ ଜଣ ଅଟକ, ଆଗକୁ ବଢ଼ିବ ଗିରଫଦାରୀ**

## ଗ୍ୟାସ୍ ପାଇଁ ଚିନ୍ତାରେ ହୋଟେଲ ବ୍ୟବସାୟୀ



**ଉଦଳା, ୧୩।୩(ସମିସ):** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଘରୋଇ ଗ୍ୟାସ୍ ଉପଭୋକ୍ତା ଓ ହୋଟେଲ ବ୍ୟବସାୟୀଙ୍କ ମନରେ ଛନକା ପଶିଛି। କମର୍ସିଆଲ ଗ୍ୟାସ୍ ଅଭାବକୁ ନେଇ ଦ୍ୱନ୍ଦ୍ୱ ଥିବାବେଳେ ଗ୍ୟାସ୍ କାଉଣ୍ଟରରେ ଉପଭୋକ୍ତାଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଏପଟେ ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳରେ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ କମର୍ସିଆଲ ଇନ୍ଧନ ଗ୍ୟାସର ଅଭାବ ପରିଲକ୍ଷିତ ହୋଇଛି। ଏପରିକି ହୋଟେଲରେ ଦୈନିକ ମେନୁ ଅନୁଯାୟୀ କମ୍ ପରିମାଣରେ ରୋଷେଇ ହେଉଥିବା ହୋଟେଲ ବ୍ୟବସାୟୀ କହିଛନ୍ତି। ଆଗରୁ ୪୦ ପ୍ରକାର ଆଇଟମ ହେଉଥିବାବେଳେ ଏବେ ଗ୍ୟାସ ଅଭାବରୁ ମାତ୍ର ୧୫ଟି ଆଇଟମ ତିଆରି ହେଉଥିବା। କହିଛନ୍ତି ହୋଟେଲ ରୋଷେୟା। ହୋଟେଲ ମାଲିକଙ୍କ କହିବା କଥା ଗ୍ୟାସ ସଠିକ ଭାବେ ମିଳୁ ନ ଥିବାରୁ ଅନେକ ଦୂରକୁ ଯିବା ପାଇଁ ପଡୁଥିବାବେଳେ ଅଧିକ ଟଙ୍କା ଦେଇ ଆଣିବାକୁ ପଡୁଛି। ଯଦି ଆଗକୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିବ, ତେବେ ଉଦଳା ଅଞ୍ଚଳରେ ଥିବା ଇନ୍ଧନ ଗ୍ୟାସର ଅଭାବ ପ୍ରଭାବିତ ହେବାର ଆଶଙ୍କା ରହିଛି।

## ରାଇରଙ୍ଗପୁର ତାପମାତ୍ରା ଉପରମୁହାଁ

**ରାଇରଙ୍ଗପୁର, ୧୩।୩(ସମିସ):** ଶୁକ୍ରବାର ତାପମାତ୍ରା ଉପରମୁହାଁ ହୋଇଛି। ଯାହାକୁ ନେଇ ରାଇରଙ୍ଗପୁରରେ ଗରମ ମାତ୍ରା ବୃଦ୍ଧି ପାଇଛି। ଶୁକ୍ରବାର ରାଜ୍ୟର ପ୍ରମୁଖ ତାପମାତ୍ରା ଥିବା ସହର ମଧ୍ୟରେ ରାଇରଙ୍ଗପୁର ମଧ୍ୟ ସ୍ଥାନ ପାଇଛି। ସର୍ବାଧିକ ତାପମାତ୍ରା ପ୍ରାୟତଃ ୩୬ ଡିଗ୍ରୀ ରହିଥିଲା। ଯାହାକୁ ନେଇ ଗରମ ଅନୁଭବ ହୋଇଥିଲା। ମାର୍ଚ୍ଚ ଆରମ୍ଭରୁ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଆଗକୁ ତାପମାତ୍ରା ଆହୁରି ବୃଦ୍ଧି ପାଇବ। ପୂର୍ବରୁ ରାଜ୍ୟର ଉତ୍ତପ୍ତ ସହର ମଧ୍ୟରେ ମୟୂରଭଞ୍ଜ ଜିଲ୍ଲା ସ୍ଥାନ ପାଇସାରିଛି। ବର୍ତ୍ତମାନ ରାଜ୍ୟର ପ୍ରମୁଖ ତାପମାତ୍ରା ବୃଦ୍ଧି ସହରରେ ରାଇରଙ୍ଗପୁର ସ୍ଥାନ ପାଇଲାଣି। ଆଗକୁ ଗରମ ମାତ୍ରା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ବିବାହ ବନ୍ଧନରେ ବାନ୍ଧିହେଲେ ୪୩ ଯୋଡ଼ି ବର-କନ୍ୟା

ବାରିପଦା, ୧୩।୩(ସମିସ)



ରାଜ୍ୟ ସରକାରଙ୍କ ସାମାଜିକ କଲ୍ୟାଣମୂଳକ ପଦକ୍ଷେପ ଭାବେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆର୍ଥିକ ଦୁର୍ବଳ ଶ୍ରେଣୀର କନ୍ୟାମାନଙ୍କୁ ବିବାହ ସମୟରେ ସହାୟତା ପ୍ରଦାନ କରି ସମାଜରେ ସାମାଜିକ ସୁରକ୍ଷା ଓ ସମତା ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରୂପେ ପ୍ରମାଣିତ ହେଉଛି। ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀ କନ୍ୟାମାନଙ୍କ ବିବାହକୁ ସମୂହ ଭାବେ ସମ୍ପନ୍ନ କରାଯାଇ ସେମାନଙ୍କୁ ଏକ ସୁନ୍ଦର ଓ ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରେରିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରିପଦାସ୍ଥ ଛଉ ପଡ଼ିଆରେ ଏକ ବିଶାଳ ସମୂହ ବିବାହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୋଟ ୪୩ ଯୋଡ଼ି ବର ଓ କନ୍ୟା ପାରମ୍ପରିକ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

ଉକ୍ତ ମାଙ୍ଗଳିକ କାର୍ଯ୍ୟକ୍ରମ ନବଦମ୍ପତିଙ୍କ ଜୀବନରେ ନୂଆ ଆଶା, ଆନନ୍ଦ ଓ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ନବଦମ୍ପତିଙ୍କୁ ତାଙ୍କର ନୂତନ ବୈବାହିକ ଜୀବନ ପାଇଁ ଶୁଭେଚ୍ଛା ଓ ଆଶୀର୍ବାଦ ଜଣାଇଥିଲେ। ସେ କହିଥିଲେ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସହାୟକ ହେବ। ଏହା ମାଧ୍ୟମରେ ଆର୍ଥିକ ଦୁର୍ବଳ ପରିବାର ନିଜ କନ୍ୟାଙ୍କ ବିବାହ ସମୟରେ ଆର୍ଥିକ ଚାପରୁ ମୁକ୍ତି ପାଇପାରିବେ ଓ ସମ୍ମାନପୂର୍ଣ୍ଣ ଭାବେ ସେମାନଙ୍କ ଜୀବନଯାପନ କରିପାରିବେ। ସେ ଆହୁରି କହିଥିଲେ ଯେ, ଏହି ଯୋଜନା ମାଧ୍ୟମରେ ବିଧବା ବିବାହକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଉଛି। ଯଦ୍ୱାରା ସମାଜରେ ସାମାଜିକ ସଚେତନତା ବୃଦ୍ଧି ପାଇବା ସହିତ ବିଧବାମାନଙ୍କୁ ପୁନର୍ବାର ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇ ସେମାନଙ୍କୁ ସଶକ୍ତିକରଣ କରାଯାଇପାରିବ। ଏହି ଯୋଜନା ଅନୁସାରେ ପ୍ରତ୍ୟେକ କନ୍ୟାଙ୍କୁ ସରକାରଙ୍କ ପକ୍ଷରୁ ୬୦, ୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏଥିରୁ ୪୫, ୦୦୦ ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ କନ୍ୟାଙ୍କ ବ୍ୟାଙ୍କ ଖାତାରେ ଜମା ହେବାର ବ୍ୟବସ୍ଥା ରହିଛି। ଅବଶିଷ୍ଟ ୧୫, ୦୦୦ ଟଙ୍କା ବିବାହ ସମ୍ପର୍କିତ ଆନୁସଙ୍ଗିକ ଖର୍ଚ୍ଚ ପାଇଁ ନିୟୋଜିତ କାର୍ଯ୍ୟକାରୀ ସଂସ୍ଥା ଗ୍ରାମୀଣ ବିକାଶ କାର୍ଯ୍ୟକାରିଣୀ କମିଟିକୁ ପ୍ରଦାନ କରାଯାଇଛି। ଏହି ସମୂହ ବିବାହ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ବର ଓ ବଧୂମାନଙ୍କ ପାଇଁ ପାରମ୍ପରିକ ରୀତିନୀତି ଅନୁସାରେ ବିବାହ ଆୟୋଜନ ସହିତ ସମସ୍ତ ଆବଶ୍ୟକ ସୁବିଧା ଆସନ ବ୍ୟବସ୍ଥା, ପୂଜା ପାଠ, ଭୋଜନ ବ୍ୟବସ୍ଥା ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ନବଦମ୍ପତିଙ୍କ ପରିବାର ସଦସ୍ୟ ଓ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ଏହି ମାଙ୍ଗଳିକ କାର୍ଯ୍ୟକ୍ରମ ଆନନ୍ଦମୟ ପରିବେଶରେ ସମ୍ପନ୍ନ ହୋଇଥିଲା। ଏ ଅବସରରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି, ସମାଜ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ବୁରୁଡ଼ା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ସହିତ ଅନ୍ୟାନ୍ୟ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ନଗର ଉନ୍ନୟନ ମନ୍ତ୍ରୀଙ୍କ ଅଞ୍ଚଳରେ ୱାଟକୋ ବିଭାଗ ନିଦାବିଷ୍ଟ

# ସେବା ଯୋଗାଇବାରେ ବିଫଳ, ମିଳୁଛି ଅପମିଶ୍ରିତ ପାଣି

ବାରିପଦା, ୧୩।୩(ସମିସ): ଖୋଦ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଞ୍ଚଳରେ ତାଙ୍କ ୱାଟକୋ ବିଭାଗ ନିଦାବିଷ୍ଟ ପାଲଟିଛି। ବାରମ୍ବାର ଅଭିଯୋଗ ପରେ ମଧ ସେବା ଯୋଗାଇବାରେ ବିଭାଗ ବିଫଳ ରହିଛି। ଲୋକେ ପୋକ ସାଲୁବାଲୁ ହେଉଥିବା ଅପମିଶ୍ରିତ ଗୋଳିଆ ପାଣି ପିଇବାକୁ ବାଧ ହେଉଛନ୍ତି। ଫଳରେ ବାରିପଦାରେ ହଇଜା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ସୃଷ୍ଟି କରିଛି। ୱାଟକୋ ବିଭାଗର ମନମୁଖୀ କାର୍ଯ୍ୟଧାରା ପାଇଁ ଲୋକେ ସଂକ୍ରମିତ ହେବାର ସମ୍ଭାବନା ଉପୁଜିଛି। ଏଭଳି ଚିତ୍ର ବାରିପଦା ପୌରପାଳିକା ଅନ୍ତର୍ଗତ ହୁଡ୍‌କୋ କଲୋନୀର ବୀଣାପାଣି କୋଚିଂ ନିକଟସ୍ଥ ଅଞ୍ଚଳରେ ଦେଖିବାକୁ ମିଳିଛି।

■ ପାଇପରୁ ବାହାରୁଛି ପୋକ ଓ ଗୋଳିଆ ପାଣି
■ ଲୋକେ ପିଉଛନ୍ତି ଦୂଷିତ ପାଣି
■ ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍ୟ



ୱାଟକୋ ପାନୀୟ ଜଳଯୋଗାଣ ପାଇପରୁ ଟ୍ୟାପ୍ ଖୋଲିବା ମାତ୍ରେ ବିଶୁଦ୍ଧ ପାଣି ବଦଳରେ ଗୋଳିଆ ଅଳିଆ ଆବର୍ଜନା ମିଶା ପାଣି ବାହାରୁଛି। ଗତ ମାସେ ହେଲାଣି ଉକ୍ତ ସ୍ଥିତି ରହିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଶୁଦ୍ଧ ପାନୀୟଜଳ ଭଳି ମୌଳିକ ସୁବିଧା ପାଇବାରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି। ୱାଟକୋର ମନମୁଖୀ କାର୍ଯ୍ୟ ପାଇଁ ଲୋକେ ବାଧ ହୋଇ ଦୂଷିତ ପାଣି ପିଇ ସଂକ୍ରମିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ୱାର୍ଡ ବାସିନ୍ଦା ବିଶୁଦ୍ଧ ପାନୀୟଜଳ ପାଇବା ପରି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବାରିପଦା ସହରର ଅନେକ ସ୍ଥାନରେ ପାନୀୟ ଜଳ ଯୋଗାଣ ପାଇପ ଫାଟି ରାସ୍ତାରେ ପାଣି ଭାସୁଥିବା ଦେଖିବାକୁ ମିଳିଥିବାବେଳେ ଅନୁରୂପ ଭାବେ ଉକ୍ତ ୱାର୍ଡର ପାଇପ ଫାଟିଥିବା ନେଇ ସ୍ଥାନୀୟ ଲୋକ ସନ୍ଦେହ ପ୍ରକାଶ କରିଛନ୍ତି। ଉକ୍ତ ଅଞ୍ଚଳରେ ବସବାସ କରୁଥିବା ପରିବାର ଗୋଳିଆ ପିଇବା ପାଣି ଯୋଗାଣ ନେଇ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ୱାଟକୋ ଅଧିକାରୀ ନିଦାବିଷ୍ଟ ସାଜିଛନ୍ତି। ବହୁଦିନ ହେବ ଏପରି ଗୋଳିଆ ପାଣି ସମସ୍ୟା ଲାଗି ରହିଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ପ୍ରତ୍ୟେକ ଦିନ ଜନସ୍ୱାସ୍ଥ୍ୟ ବିଭାଗ (ୱାଟକୋ) ପକ୍ଷରୁ ଯୋଗାଣ ହେଉଥିବା ପାନୀୟ ଜଳ ଟ୍ୟାପରୁ ଗୋଳିଆ ପାଣି ବାହାରୁଛି ବୋଲି ଲୋକମାନେ କହିଛନ୍ତି। ଉକ୍ତ ଅଞ୍ଚଳକୁ ବିଭାଗ ପକ୍ଷରୁ ଦୀର୍ଘ ଦିନ ହେବ ପାନୀୟ ଜଳ ଯୋଗାଣ ନିମନ୍ତେ ବିଛାଯାଇଥିବା ପାଇପ ମାଟି ତଳେ ପୋତି ହୋଇ ରହିଥିବାବେଳେ ପାଇପ ପୁରୁଣା ମଧ ହେଲାଣି। ଯାହାଫଳରେ ପାଇପ ଗୁଡିକ ଅନେକ ସ୍ଥାନରେ ଫାଟିଯାଇଛି। ତେଣୁ ଅନେକ ସ୍ଥାନର ରାସ୍ତା କଡରେ ବିନା କାରଣରେ ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କଲାପରେ ମଧ ବିଭାଗ ସମସ୍ୟାକୁ ଗୁରୁତ୍ୱର ସହ ନେଉନାହିଁ। ଏ ନେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଭଳି ଦୂଷିତ ପାଣି ୱାଟକୋ ପକ୍ଷରୁ ଯୋଗାଉଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ୱାଟକୋ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## ଏଲ୍‌ପିଜି ସଙ୍କଟ ଓ ଦର ବୃଦ୍ଧି ବିରୋଧରେ କଂଗ୍ରେସର ବିକ୍ଷୋଭ



ବାରିପଦା, ୧୩।୩(ସମିସ):ବର୍ତ୍ତମାନ ରନ୍ଧନ ଗ୍ୟାସକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ନେଇ ସାରା ରାଜ୍ୟରେ ରନ୍ଧନ ଗ୍ୟାସ ଅଭାବ ଦେଖାଦେଇଛି। ଯାହାଫଳରେ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେବା ସହିତ ଗୃହିଣୀ ଓ ବ୍ୟବସାୟିକ ପ୍ରତିଷ୍ଠାନ ରୋଷେଇ କରିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲ୍ଲା ପୂର୍ବ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସ୍ଥାନୀୟ ସତ୍ୟସାଇ ଛକଠାରୁ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରାରେ ବାହାରି ଜିଲ୍ଲପାଳଙ୍କୁ ରନ୍ଧନ ଗ୍ୟାସ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତିଙ୍କ ସହିତ ଏସଟି ସେଲର ଚୈତନ୍ୟ ହାଁସଦା, କୃଷକ ସେଲ ସଭାପତି ଦୀପକ ଦାଶ, ପିସିସି ସଭ୍ୟ ନାରାୟଣ ପଟ୍ଟନାୟକ, ମୀନକେତନ ବେହେରା, ଉତ୍ତମ ବେହେରା, ପ୍ରଦୀପ ଦାଶ, ସୁନାରାମ ସୋରେନ, ବିଷ୍ଣୁ ସିଂ, ଅଭିଷେକ ଯାଦବ, ବିପ୍ଳବ ବାରିକ, ସମର ଦାଶ, ରବୀନ୍ଦ୍ର ଗିରି ଓ ମହିଳା କଂଗ୍ରେସ ପକ୍ଷରୁ ସୁନୀତା ନାୟକ, ଭୁବନେଶ୍ୱରୀ ଜେନା, ଶୁଭସ୍ମିତା ଦାସ, ଅନୀତା ମାରାଣ୍ଡି, ଲଫିଆ ମହାମୋତ, ତାରନା ବେଗମଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ସମାଡିହି ଓ କିସାନ ବ୍ରଦର୍ସ ମଧ୍ୟରେ ଫାଇନାଲ ମୁକାବିଲା



ବାରିପଦା, ୧୩।୩(ସମିସ): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରି ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରି ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନର ପ୍ରଥମ ମ୍ୟାଚରେ ଝାଡ଼ଖଣ୍ଡର ବ୍ଲାକ ପେନ୍ଥାର ଏଫସି ୧-୦ ଗୋଲରେ ବାଲେଶ୍ୱରର ଜଟାକଳା ଟେକଟିକ ଦଳକୁ ପରାସ୍ତ କରିଛି। ମୁକେଶ କୁମାର ଗୋପ ଏକମାତ୍ର ଗୋଲ ସ୍କୋର କରିଥିଲେ। ସନ୍ତୋଷ କୁମାର ରାଉତ, ଦିଲ୍ଲୀପ କୁମାର ପ୍ରଧାନ ଓ ରାଜୀବ କୁମାର ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ଅମୂଲ୍ୟ ମିଶ୍ର, ହରିଶ ଷଡ଼ଙ୍ଗୀ ଓ ଶ୍ରବଣ ଆଜାଦ, କାଉନସିଲର ସୁକେସିନୀ ସେଠୀ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ତଥା ପ୍ରଥମ ସେମିଫାଇନାଲମ୍ୟାଚରେସମାଡିହିଏଫସି୪-୧ଗୋଲରେଲିଭାରପୁଲ ଏଫସିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ମୟୂରଭଞ୍ଜର କିସାନ ବ୍ରଦର୍ସ ଝାଡ଼ଖଣ୍ଡର ବ୍ଲାକ ପାନ୍ଥରକୁ ୨-୧ଗୋଲରେ ହରାଇ ଫାଇନାଲ ପ୍ରବେଶ କରିଛି। ଆୟୋଜନ କମିଟି ଅଧ୍ୟକ୍ଷ ଅସିତ ବରଣ ପତି, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ ସାହୁ, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରି, ସାଂଗଠନିକ ସମ୍ପାଦକ ଅମର କୁମାର ସେଠୀଙ୍କ ସମେତ ବିଶ୍ୱଜିତ ନାୟକ, ହରପ୍ରସାଦ ପାତ୍ର, ସେଙ୍ଗଲ ସିଂହ ସୋରେନ, କୈଳାସ ବେହେରା, କୁମାର ରଞ୍ଜନ ପଣ୍ଡା, ଦିଲ୍ଲୀପ ମିସ୍ତ୍ରି, ପ୍ରଦୀପ ମିସ୍ତ୍ରି, ବିଜୟ ଦାସ, ଅଶୋକ କୁମାର ବେହେରା, ଶ୍ରବଣ ମିସ୍ତ୍ରି ଓ ମହାଦେବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ରଗ୍‌ବୀ ଦଳରେ ମୟୂରଭଞ୍ଜର ୫ ଖେଳାଳି

## ଜାତୀୟ ଚାମ୍ପିଅନ୍‌ସିପ୍‌ରେ ମହିଳା ଦଳକୁ ରୌପ୍ୟ ପଦକ

ବାରିପଦା, ୧୩।୩(ସମିସ): ମୟୂରଭଞ୍ଜ ଜିଲ୍ଲାରୁ ୫ ଜଣ ରଗ୍‌ବୀ ଖେଳାଳି ଓଡ଼ିଶା ଆରସି ସିନିୟର ରଗ୍‌ବୀ ଟିମ୍ ପାଇଁ ଚୟନ ହୋଇ ଜାତୀୟ ରଗବୀ ୧୫ଏସ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରି ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି। ଏହି ପ୍ରତିଯୋଗିତା ୭ରୁ ୧୩ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜରୁ ଚୟନ ହୋଇଥିବା ଦୁଇଜଣ ମହିଳା ଖେଳାଳି ଆରତି ମୁର୍ମୁ ଓ ରିନା ସିଂହ, ତିନିଜଣ ପୁରୁଷ ଖେଳାଳି ଗଣେଶ ହାଁସଦା, ପ୍ରଣବ ସବର ଓ ବିନୟବଚନ ହେମ୍ବ୍ରମ ଓଡ଼ିଶା ଆରସି ପକ୍ଷରୁ ଜାତୀୟ ସ୍ତରରେ ଖେଳିଥିଲେ।



ମହିଳା ଦଳ ଫାଇନାଲ୍ ମ୍ୟାଚ୍‌ରେ ସିସିଏଫସି କୋଲକାତା ବିରୋଧରେ ଖେଳୁଥିବାବେଳେ ଆରତି ମୁର୍ମୁ ଓଡ଼ିଶା ଦଳ ପକ୍ଷରୁ ପ୍ରଥମ ଟ୍ରାଇ କରି ଦଳକୁ ଆଗକୁ ନେଇଥିଲେ। ସମସ୍ତ ପ୍ରତିଯୋଗିତାରେ ଓଡ଼ିଶା ମହିଳା ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରି ଶେଷରେ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଥିଲା। ପୁରୁଷ ଦଳ ମଧ ଭଲ ଖେଳ ପ୍ରଦର୍ଶନ କରିଥିଲେ। କିନ୍ତୁ ଦିଲ୍ଲୀ ଲାୟନ୍ସ ଆରସି ବିପକ୍ଷ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ରଗବୀ ଫୁଟବଲ ଆସୋସିଏସନ ପକ୍ଷରୁ ଦୁଇ ମହିଳା ଖେଳାଳିଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିବାବେଳେ ଏହି ସଫଳତା ପାଇଁ ଓଡ଼ିଶା ରଗବି ଫୁଟବଲ ଆସୋସିଏସନର ସମସ୍ତ ସଦସ୍ୟ, କୋଚ୍ ଓ ସହଯୋଗୀଙ୍କୁ ମଧ ଅଭିନନ୍ଦନ ଜଣାଇଛନ୍ତି। ଏ ଅବସରରେ ମୟୂରଭଞ୍ଜ ଆସୋସିଏସନର ଆମ୍ବାସାଡର ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଅଧ୍ୟକ୍ଷ ସୁନାରାମ କିସ୍କୁ, ମୁଖ୍ୟ ଉପଦେଷ୍ଟା ବାବା ଧଳାରାମ ହାଁସଦା, କୋଚ୍ ଜିତେନ୍ଦ୍ର ସିଂ, ସଚିବ ଜେ. ସୁଶୀଲ ହେମ୍ବ୍ରମ, ଏସଏସ. ଏଏ ଅଧ୍ୟକ୍ଷ ସର୍ଦ୍ଦାର ହେମ୍ବ୍ରମ ଓ ସଚିବ ସୁକେନ୍ଦୁ ଦାସ ସମସ୍ତ ଖେଳାଳି ଓ ଉଭୟ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ହେମ୍ବ୍ରମ କହିଛନ୍ତି, ମୟୁରଭଞ୍ଜ ଜିଲ୍ଲାରୁ ୫ ଜଣ ଖେଳାଳି ଜାତୀୟ ସ୍ତରର ପ୍ରତିଯୋଗିତାରେ ଖେଳିବାକୁ ଚୟନ ହେବା ଜିଲ୍ଲାରେ ରଗ୍‌ବି ଖେଳର ଉନ୍ନତିକୁ ପ୍ରକାଶ କରୁଛି। ଏହି ସଫଳତା ଦେଖି ଆଗାମୀ ଦିନରେ ଗାଁ ଅଞ୍ଚଳର ଅଧିକ ପୁଅ ଓ ଝିଅମାନେ ରଗ୍‌ବୀ ଖେଳ ପ୍ରତି ଆଗ୍ରହୀ ହେବେ, ରାଜ୍ୟ ଓ ଦେଶ ପାଇଁ ଖେଳିବାକୁ ପ୍ରେରଣା ପାଇବେ।

## ବାରିପଦା ଡିଗ୍ରୀ କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

ବାରିପଦା, ୧୩।୩(ସମିସ): ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଅଧ୍ୟକ୍ଷ ଡ. ପ୍ରବୋଧ କୁମାର ଦେଙ୍କ ପୌରୋହିତ୍ୟରେ ଉଦଘାଟିତ ହୋଇଯାଇଛି। ଏଥିରେ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସାଗରିକା ସିଂ ମୁଖ୍ୟଅତିଥି, ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ସହାୟକ ଅଧ୍ୟାପକ ଡ. ସରୋଜ କୁମାର ନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ସମ୍ପର୍କରେ ଅବଗତ କରାଇଥିଲେ। ମାଷ୍ଟର ଟ୍ରେନର ତୃପ୍ତିରେଖା ଜେନା ମଧ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ଆତ୍ମସୁରକ୍ଷା ସଂଯୋଜିକା ପୁଷ୍ପଲତା କାନୁନଗୋ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।



## ଏମ୍‌ପିସି ସ୍ୱୟଂଶାସିତ କଲେଜ ବାଣିଜ୍ୟ ବିଭାଗରେ ନିବେଶକ ସଚେତନତା

ବାରିପଦା, ୧୩।୩(ସମିସ):ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସେବି ପରିଚାଳିତ ଦି ମଲ୍ଟି କମୋଡିଟି ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏକ ନିବେଶକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ସଂଯୋଜକ ସହକାରୀ ପ୍ରଫେସର ଡ. ଆଶୁତୋଷ ପ୍ରୟାଶ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇ ବାଣିଜ୍ୟ ଛାତ୍ରଛାତ୍ରୀଙ୍କୁ ସଚେତନ ନିବେଶକ ଭାବେ ପ୍ରତିଷ୍ଠିତ ହେବା ନିମନ୍ତେ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। ସଂଯୋଜକ ଡ. ଦାଶ ନିଜ ବକ୍ତବ୍ୟରେ ସାମ୍ପ୍ରତିକ ପରିସ୍ଥିତି ଓ ବିଶ୍ୱ ବଜାରରେ ଲାଗି ରହିଥିବା ଅସ୍ଥିରତା ସମୟରେ ନିବେଶକମାନେ କିପରି ଧୈର୍ଯ୍ୟ ବଜାୟ ରଖିବେ, ସେଥି ନିମନ୍ତେ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। ଏଥିରେ ବାଣିଜ୍ୟ ବିଭାଗ ମୁଖ୍ୟ ଭୀମଚରଣ ମୁର୍ମୁ ପଣ୍ୟଦ୍ରବ୍ୟ ବଜାରର ସ୍ଥିତି ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି କିପରି ଏହାକୁ ସହଜରେ ବିନିମୟ ବା ବ୍ୟବସାୟ କରାଯାଇପାରିବ, ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅଧିବେଶନରେ ମୁଖ୍ୟବକ୍ତା ରୂପେ ସେବିର ପ୍ରତିନିଧି ରୂପେ ଅନିଶ ବ୍ୟାସ ଯୋଗଦେଇ ଭାରତର ପଣ୍ୟଦ୍ରବ୍ୟ ବଜାରର ଆୟତନ ଓ ଆଗାମୀ ଭବିଷ୍ୟତ ସମ୍ବନ୍ଧରେ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ସୀମା ଅଗ୍ରୱାଲ, ଡ. ଅନାମ ଚରଣ ରାଉଳ, ଡ. ଅର୍ଜୁନ କୁମାର ସାହୁ ଓ ଅତିଥି ଅଧ୍ୟାପକ ରତିକାନ୍ତ ବାରିକ, ସାଇମା ଫିର୍ଦ୍ଦୋସ, ସୁଜାତା ବେହେରା, ହିମାଂଶୁ ପ୍ରଧାନ, ହିତେଶ ଗୁପ୍ତା, ଅମ୍ରିତା ମହାନ୍ତି ଓ କିରଣମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପରିଶେଷରେ ଅତିଥି ଅଧ୍ୟାପକ ରତିକାନ୍ତ ବାରିକ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।



## ୧୫ରେ 'ମହାସଂଗ୍ରାମର ମହାନାୟକ: ବକ୍ସି ଜଗବନ୍ଧୁ' ନାଟକ ମଞ୍ଚସ୍ଥ

ବାରିପଦା, ୧୩।୩(ସମିସ): ଭାରତର ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଓଡ଼ିଆ ବୀର ବକ୍ସି ଜଗବନ୍ଧୁ ଥିଲେ ଅନ୍ୟତମ ଓ ତାଙ୍କର ବୀରତ୍ୱର କାହାଣୀକୁ ନାଟକ ରୂପ ଦେଇଥିଲେ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ। ପ୍ରତିଷ୍ଠିତ ନିର୍ଦ୍ଦେଶକ ଧୀର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଓଡ଼ିଶାର ଅଦ୍ୱିତୀୟ ନାଟ୍ୟସଂସ୍ଥା ଶତାବ୍ଦୀର କଳାକାର ସ୍ଥାନୀୟ ଶହୀଦ ସ୍ମୃତି ଭବନରେ ଚଳିତ ମାସ ୧୫ ତାରିଖରେ ନାଟକ 'ମହାସଂଗ୍ରାମର ମହାନାୟକ: ବକ୍ସି ଜଗବନ୍ଧୁ' ପରିବେଷଣ କରିବେ। ବାରିପଦାର 'ଆମେ' ନାଟ୍ୟସଂସ୍ଥା ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ଯୁଗାନ୍ତକାରୀ ନାଟକକୁ ନିଃଶୁଳ୍କରେ ଦେଖିବା ସହ କଳାକାରଙ୍କୁ ଉତ୍ସାହିତ କରିବା ପାଇଁ ସଂସ୍ଥାର ପ୍ରତିଷ୍ଠାତା ଚିନ୍ମୟ ଦାସ ପଟ୍ଟନାୟକ ଅନୁରୋଧ କରିଛନ୍ତି।

## ଯୁବ ଆଇନଜୀବୀ କାହ୍ନୁଚରଣ ସିଂଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା, ୧୩।୩(ସମିସ): ବାରିପଦା ଓକିଲ ସଂଘର ଯୁବ ଆଇନଜିବୀ କାହ୍ନୁଚରଣ ସିଂଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୨ ବର୍ଷ ଧରି ବାରିପଦା କଚେରୀରେ ସେ ଓକିଲାତି କରୁଥିଲେ। ସେ ଗତ ସୋମବାର ହୃଦଘାତରେ ପରଲୋକ ଗମନ କରିଥିଲେ। ଶାମାଖୁଣ୍ଟା ବ୍ଲକର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ହୁଙ୍କ ସିଂଙ୍କ କନିଷ୍ଠ ନାତି ଥିଲେ। ସେ ଜଣେ ସଫଳ ଚାଷୀ ଭାବେ ୨୦ ଏକର ଜମିରେ କଦଳୀ ଚାଷ କରି ଜିଲ୍ଲାର ଅଗ୍ରଣୀ ଚାଷୀ ଭାବେ ପରିଚିତ ହୋଇଥିଲେ। ମୁଣ୍ଡା ସମ୍ପ୍ରଦାୟର ମଧ ସେ ନେତୃତ୍ୱ ନେଉଥିଲେ। ତାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ବ୍ୟକ୍ତିବିଶେଷ ସ୍ମୃତିଚାରଣ କରିଥିଲେ।



## ନୂଆ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ




କରଞ୍ଜିଆ, ୧୩।୩(ସମିସ): କରଞ୍ଜିଆ ଥାନା ଅଧିକାରୀ ଭାବେ ମୃତ୍ୟୁଞ୍ଜୟ ପ୍ରଧାନ ଦାୟିତ୍ୱ ଗ୍ରହଣ କରିଥିବାବେଳେ ଅଞ୍ଚଳରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବୁଧବାର ଦିନ ନୂତନ ଥାନା ଅଧିକାରୀଙ୍କ ତତ୍ତ୍ୱାବଧାନରେ କରଞ୍ଜିଆସ୍ଥ ମହାବୀର ଛକ ଓ ସାହାରପଡ଼ା ବାଇପାସ ଛକରେ ଗାଡ଼ି ଯାଞ୍ଚ କରିଥିଲେ। ଏହି ସମୟରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ପ୍ରାୟ ୧୦ ଜଣ ବାଇକ୍ ଚାଳକଙ୍କୁ ଧରିଥିଲେ। ସେମାନଙ୍କ ବିରୋଧରେ ୧୦ଟି ମାମଲା ରୁଜୁ କରାଯାଇଛି। ବର୍ତ୍ତମାନ କରଞ୍ଜିଆରେ ଦୋଳଯାତ୍ରାର ମାହୋଲ ଥିବାବେଳେ ଥାନା ଅଧିକାରୀଙ୍କ ଏଭଳି କଠୋର ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଆରମ୍ଭ

# ୩ଦିନ ଧରି ମୟୂରଭଞ୍ଜ ଜିଲ୍ଲା ପରିକ୍ରମା କରିବ ମହାରାଜାଙ୍କ ଜ୍ୟୋତିରଥ

ବାରିପଦା, ୧୩।୩(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟ ଓ ପର୍ଯ୍ୟଟନର ବିକାଶ ପାଇଁ ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବିଗତ ୯ ବର୍ଷ ଧରି ଜିଲ୍ଲାର ୪ଟି ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଓ ଭାଇଚାରାର ପରମ୍ପରାକୁ ମଜଭୁତ




କରିବା ଉଦେଶ୍ୟରେ ଅନୁଷ୍ଠିତ ହୋଇଆସୁଥିବା ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା (ବାଇକ ରାଲି) ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଶୁକ୍ରବାର ସକାଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଜଗନ୍ନାଥ ମନ୍ଦିର ନିକଟରେ ଉଦଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଡ. ବିଜୟ ଅଗ୍ରୱାଲା, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଭଞ୍ଜସେନାର ଉପାଧ୍ୟକ୍ଷ ସଞ୍ଜୀବ କୁମାର ରାଉତ,



ସମାଜସେବୀ ବିଶ୍ୱଜିତ ନାୟକ, ବରିଷ୍ଠ ସାମ୍ବାଦିକ କବି ବିଷ୍ଣୁ ଶତପଥୀ, ବଳାଙ୍ଗୀ ମହୋତ୍ସବର ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ ବଳାଙ୍ଗୀ ସେନାର ସଂସ୍କୃତି ସୈନିକଙ୍କୁ ଉତ୍ସାହିତ କରିଥିଲେ।

ବଳାଙ୍ଗୀ ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେସ ନାୟକଙ୍କ ତତ୍ତ୍ୱାବଧାନରେ ଜାଗରଣ ଯାତ୍ରାରେ ୫୦ରୁ ଊର୍ଦ୍ଧ୍ୱ ସଂସ୍କୃତି ସୈନିକଙ୍କ ସହିତ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତିରଥ ୩ଦିନ ଧରି ସମଗ୍ର ଜିଲ୍ଲା ପରିକ୍ରମା କରି ମୟୂରଭଞ୍ଜର କଳା, ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର ସହ ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ସୁଦୃଢ଼ କରିବ। ବାରିପଦା ଜଗନ୍ନାଥ ମନ୍ଦିର ନିକଟରୁ ଏହି ଯାତ୍ରା ଛଉ, ଝୁମର, କଲସିନାଚ, ସଂକୀର୍ତ୍ତନ, ଓଡ଼ିଶୀ ଆଦି କଳାକାରଙ୍କ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ଆସି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜାଗରଣ ଯାତ୍ରା ଓ ଜ୍ୟୋତିରଥ କୁଳିଅଣା, କଳାବାଡିଆ, ଝାରପୋଖରିଆ, ସାରସକଣା, ବାଙ୍ଗିରିପୋଷି, ବିଶୋଇ, ବିଜାତଳା, ରାଇରଙ୍ଗପୁର, ବହଳଦା ହୋଇ ଦୁଦୁରେ ପହଞ୍ଚିଛି। ସେହିପରି ଶନିବାର ଦ୍ୱିତୀୟ ଦିନ ଦୁଦୁରୁ ବାହାରି ଜାମଦା, ଗଡ଼ରାଇରଙ୍ଗପୁର, ଭାଲୁବସା, ଯଶିପୁର, ଖିଚିଂ, କରଞ୍ଜିଆ, କଳାକାଦ, ଠାକୁରମୁଣ୍ଡା, ଚମ୍ପାଝର, ଶରତ, କପ୍ତିପଦା ହୋଇ ଉଦଳାରେ ପହଞ୍ଚିବ। ରବିବାର ତୃତୀୟ ଦିନ ଉଦଳାରୁ ବାହାରି ଶୋଭାଯାତ୍ରା ଖୁଣ୍ଟା, ହରିପୁରଗଡ଼, ବଡ଼ସାହି, ମାଣତ୍ରୀ, ପାଟଲିପୁରା, ବୈଶିଙ୍ଗା, ବେତନଟି, ଚିତ୍ରଡା, ମୋରଡା, ବାଘଡା, କୋଷ୍ଟା, ଶୁଳିଆପଦା, ଦେଉଳି ହୋଇ ବାରିପଦା। କୃଷ୍ଣଚନ୍ଦ୍ର ଗୋଲେଇରେ ପହଞ୍ଚିବ। ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଛଉ ପଡ଼ିଆ ନିକଟରେ ଜାଗରଣ ଯାତ୍ରା ଉଦଯାପିତ ହେବ ବୋଲି ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ନାୟକ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅଶୋକ ପଲେଇ, ନରେନ୍ଦ୍ର ମୋହନ ସେନାପତି, ମନୋଜ ଦଳବେହେରା, ଡ. ଶଶୀଧର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ଇନ୍ଦୁମତି ମହାନ୍ତି, ସୁନୀଲ କୁମାର ଜେନା ଓ ରବୀନ୍ଦ୍ର ସିଂ ପ୍ରମୁଖ ବହୁ ସଦସ୍ୟ ଓ ଗଣ୍ୟମାନ୍ୟ ବ୍ୟକ୍ତି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



# ଗ୍ୟାସ୍ ସିଲିଣ୍ଡର କଳାବଜାର: ଦୁଇ ଗିରଫ



ବଡ଼ବିଲ, ୧୩।୩(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୁଲିସ ଚଢ଼ଉ କରି ଡଜନ ଡଜନ ବେଆଇନ ସିଲିଣ୍ଡର ଉଦ୍ଧାର କରିଛି। ବଡ଼ବିଲ ସହରରେ ରନ୍ଧନ ଗ୍ୟାସର କଳାବଜାର ପାଇଁ ଗ୍ରାହକ ହନ୍ତସନ୍ତ ହେଉଥିବାବେଳେ, କଳାବଜାରୀମାନେ ମାଲେମାଲ୍ ହେଉଥିବା ଜଣାଯାଇଛି। ପୁଲିସ ଚଢ଼ଉ କରି ୫୨ଟି ଘରୋଇ ଗ୍ୟାସ ଓ ୪ଟି ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ମିଶାଇ ସମୁଦାୟ ୫୬ଟି ସିଲିଣ୍ଡର ଜବତ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ୧୫ ନମ୍ବର୍ ୱାର୍ଡ, ସାଧୁସିଂହଟିଂସ୍ଥିତ ମହମ୍ମଦ ଶାମଶେର ଏବଂ ଡେଲି ମାର୍କେଟ ଅଞ୍ଚଳର ଓମ୍‌ପ୍ରକାଶ ଗୁପ୍ତା। ଉଭୟଙ୍କୁ ମାମଲା ରୁଜୁକରି ପୁଲିସ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଅଶୋକ ନାୟକ ସୂଚନା ଦେଇଛନ୍ତି। ଉଭୟଙ୍କଠାରୁ ୩୬ ଓ ୧୬ଟି ଘରୋଇ ଟାଙ୍କି ଜବତ ହୋଇଛି। ତେବେ ବଡ଼ବିଲ ସହରର ଗଳି କନ୍ଦି ତଥା ପୁରୁଣା ବସଷ୍ଟାଣ୍ଡରେ ଥିବା ଜଳଖିଆ ଦୋକାନରେ ଘରୋଇ ଟାଙ୍କି ବ୍ୟବହାର କରି ବ୍ୟବସାୟ କରି ମାଲେମାଲ ହେଉଥିବା ବେଳେ ସାଧାରଣ ଲୋକ ଗୋଟିଏ ଟାଙ୍କି ପାଇଁ ଦୁଇରୁ ତିନି ଦିନ ଧାଡ଼ିରେ ଠିଆ ହେଉଥିବା ଦେଖିବାକୁ ମିଳିଛି। ଯୋଗାଣ ବିଭାଗ ସେଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଟାଟା ମେନ୍ ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର ସଫଳ




ଯୋଡ଼ା, ୧୩।୩(ସମିସ): ଯୋଡ଼ାସ୍ଥିତ ଟାଟା ମେନ୍ ହସ୍ପିଟାଲ୍ (ଟିଏମ୍‌ଏଚ୍)ର ଅଭିଜ୍ଞ ଡାକ୍ତରୀ ଦଳ ଜଣେ ୫୧ ବର୍ଷୀୟା ମହିଳାଙ୍କ ଜୀବନରକ୍ଷାକାରୀ ଅସ୍ତ୍ରୋପଚାର କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ୍) ଏବଂ ଟାଟା ଷ୍ଟିଲ୍‌ର ସହାୟତାରେ ଏହି ଚିକିତ୍ସା କରାଯାଇଛି। ଯୋଡା ନିକଟସ୍ଥ କେନ୍ଦୁପାଣି ଅଞ୍ଚଳର ଜଣେ ମହିଳା ଅତ୍ୟଧିକ ଦୁର୍ବଳ ହୋଇଯିବା ଏବଂ ରକ୍ତସ୍ରାବ ଯୋଗୁଁ ନିକଟରେ ଏକ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ଟିଏମଏଚ୍ ଯୋଡାକୁ ସ୍ଥାନାନ୍ତରିତ ହୋଇଥିଲେ। ହସ୍ପିଟାଲରେ ଭର୍ତ୍ତି ହେବା ସମୟରେ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା। ତାଙ୍କର ରକ୍ତଚାପ ଅସ୍ୱାଭାବିକ ଭାବେ ହ୍ରାସ ପାଇଥିବା ବେଳେ ପ୍ରାଥମିକ ଭାବେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ଶରୀରରେ ହେମୋଗ୍ଲୋବିନ ମାତ୍ରା କମ୍ ଥିବାରୁ ତାଙ୍କୁ ଏକାଧିକ ଥର ରକ୍ତ ଦିଆଯାଇଥିଲା। ଡାକ୍ତରୀ ପରୀକ୍ଷା ନିରୀକ୍ଷା ସମୟରେ ମହିଳାଙ୍କ ୟୁଟେରସ (ସରଭିକ୍ସ)ରେ 'ସର୍ଭିକାଲ୍ ଫାଇବ୍ରଏଡ୍' ନନ୍ କ୍ୟାନସରିୟସ ଟ୍ୟୁମର୍ ଚିହ୍ନଟ ହୋଇଥିଲା। ଏହି ପ୍ରକାରର ଟ୍ୟୁମର୍ ବହୁତ କମ୍ ଦେଖିବାକୁ ମିଳିଥାଏ ଏବଂ ଏହାର ଅସ୍ତ୍ରୋପଚାର କରିବା ସମୟରେ ମୂତ୍ରାଶୟ, ମୂତ୍ରନଳୀ ଏବଂ ଆଖପାଖର ରକ୍ତବାହୀ ନଳୀଗୁଡିକ ପ୍ରତି କ୍ଷତି ପହଞ୍ଚିବାର ଯଥେଷ୍ଟ ଆଶଙ୍କା ରହିଥାଏ।

ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ହେମୋଗ୍ଲୋବିନ ସ୍ତର ସ୍ଥିର ହେବା ପରେ, ଟିଏମଏଚ୍ ଯୋଡାର ଡାକ୍ତରୀ ଦଳ 'ଆବଡୋମିନାଲ୍ ହିଷ୍ଟେରେକ୍ଟୋମି' ଅସ୍ତ୍ରୋପଚାର କରିଥିଲେ। ଅତ୍ୟନ୍ତ ସାବଧାନତାର ସହ କରାଯାଇଥିବା ଏହି ଅସ୍ତ୍ରୋପଚାର ମାଧ୍ୟମରେ କୌଣସି ଅନ୍ୟ ଅଙ୍ଗର କ୍ଷତି ନକରି ଟ୍ୟୁମର୍ ସହିତ ୟୁଟେରସ ଏବଂ ଗର୍ଭାଶୟକୁ ସଫଳତାର ସହ ବାହାର କରାଯାଇଥିଲା। ବର୍ତ୍ତମାନ ମହିଳା ଜଣକ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଷ୍ଟିଚ୍ ବାହାର କରାଯିବା ଏବଂ ଶରୀରରେ ହିମୋଗ୍ଲୋବିନ ସ୍ତରରେ ଉନ୍ନତି ଆସିବା ପରେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି।

## ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ହାଣ୍ଡିଶାଳରେ ମହଙ୍ଗା ମାଡ଼

# ଗରିବ ଓ ମଧ୍ୟବିତ୍ତ ପରିବାର ପ୍ରଭାବିତ




ମୋରଡା, ୧୩।୩(ସମିସ):

ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧର କରୁଣ ପରିଣତି ତିହାଣ୍ଡିଶାଳ ଉପରେ ପ୍ରଭାବ ପକାଇଛି। ଯୁଦ୍ଧ ପ୍ରଭାବରେ ଅତ୍ୟାବଶ୍ୟକ ସାମଗ୍ରୀ ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ଘରୋଇ ଗ୍ୟାସ ଦର ୬୦ ଟଙ୍କା ବୃଦ୍ଧି ପାଇଛି। ପୂର୍ବରୁ ୧୪ କିଲୋ ଘରୋଇ ଗ୍ୟାସ ଦର ୮୯୫ ଟଙ୍କା ଥିବାବେଳେ ସବସିଡି ବାବଦକୁ ୨୦ ଟଙ୍କା ୬୪ ପଇସା ଗ୍ରାହକଙ୍କୁ ମିଳୁଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଗତ ୭ ତାରିଖରୁ କେନ୍ଦ୍ର ସରକାର ୬ ବର୍ଷରେ ପ୍ରଥମ କରି ୫୦ ଟଙ୍କା ବୃଦ୍ଧିକରି ୯୫୫ ଟଙ୍କା କରିଥିବାବେଳ ସବସିଡି ବାବଦକୁ ୨୮ ଟଙ୍କା ପ୍ରଦାନ କରୁଛନ୍ତି। କେବଳ ଗ୍ୟାସ୍ ନୁହେଁ, ପନିପରିବା ସହିତ ସୋରିଷତେଲ ଲିଟର ପିଛା ୧୫ ଟଙ୍କା, ରିଫାଇନ ଲିଟର ପିଛା ୧୦ ଟଙ୍କା, ପାମୋଲିନ ଲିଟର ପିଛା ୫ ଟଙ୍କା ବୃଦ୍ଧି ପାଇଛି। ଡାଲି ଦର ମଧ୍ୟ ବଢ଼ିଚାଲିଛି। କିଛିଦିନ ହେଲା ପେଟ୍ରୋଲ, ଡିଜେଲ ଦର ସ୍ଥିର ଥିଲେ ହେଁ ତାହା କେତେଦିନ ଅପରିବର୍ତ୍ତିତ ରହିବ ତାକୁ ନେଇ ସନ୍ଦେହ ରହିଛି।

ଅନ୍ୟପକ୍ଷରେ ରନ୍ଧନ ଗ୍ୟାସ, ଖାଇବା ତେଲ, ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ସାଧାରଣ ଲୋକଙ୍କ ଆଖିରୁ ନିଦ ହଜାଇ ଦେଲାଣି। ଶୁକ୍ରବାର ଚିତ୍ରଡା ସାପ୍ତାହିକ ହାଟରେ ଟମାଟୋକୁ ଛାଡ଼ିଦେଲେ ପରିବା ଦର ମଧ୍ୟ ଉଚ୍ଚ ରହିଛି। ଯାହାକୁ ନେଇ ଲୋକେ ପରିବାର ପୋଷଣ ପାଇଁ ଚିନ୍ତାରେ ଅଛନ୍ତି।

### ଗୃହିଣୀଙ୍କ ମୁହଁରୁ

ଯୁଦ୍ଧ ପ୍ରଭାବରେ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ପ୍ରତି ସରକାର ଧ୍ୟାନଦେବା ଜରୁରି। ବିଭିନ୍ନ ଆଳଦେଖାଇ ଦରଦାମ ବୃଦ୍ଧି ସରକାରଙ୍କ ଅପାରଗତାକୁ ପ୍ରମାଣ କରୁଛି। ଏହା ଗରିବ ଓ ମଧ୍ୟବିତ୍ତ ପରିବାର ଅର୍ଥନୀତିକୁ ଦୁର୍ବଳ କରିଦେଇଛି। ଗ୍ୟାସ ସାଙ୍ଗକୁ ଖାଇବା ତେଲ ଓ ଅନ୍ୟାନ୍ୟ ସାମଗ୍ରୀ ଦର ବୃଦ୍ଧି ଘଟିଛି। ଫଳରେ ଚଳିବା କଷ୍ଟକର ହୋଇପଡ଼ିଛି। ଏଥିପ୍ରତି ସରକାର ସଜାଗ ନ ରହିଲେ ପରିସ୍ଥିତି ଅଣାୟତ୍ତ ହୋଇଯିବ।

**ଶକୁନ୍ତଳା ମାଝୀ, (ଗୃହିଣୀ)**

ଗରିବ ଓ ମଧ୍ୟବିତ୍ତ ପରିବାରର ଅର୍ଥନୀତିକୁ ପ୍ରଭାବିତ କରିଛି ଗ୍ୟାସ ଦରବୃଦ୍ଧି। ଗ୍ୟାସ, ତେଲ ଓ ଅତ୍ୟାବଶ୍ୟକ ସମାଗ୍ରୀ ଉପରେ ଲଗାମ୍ ନ ଲାଗିଲେ ଆଗାମୀ ଦିନରେ ସାଧାରଣ ଲୋକ ରୋଷେଇ କରି ଦୁଇଓଳି ଦୁଇମୁଠା ଖାଇବା କଷ୍ଟକର ହୋଇପଡ଼ିବ। ରନ୍ଧନ ଗ୍ୟାସ ମୂଲ୍ୟବୃଦ୍ଧି ମଧ୍ୟବିତ୍ତ ଶ୍ରେଣୀର ପରିବାର ଉପରେ ବହୁତ ପ୍ରଭାବ ପକାଇଛି। ଦରଦାମ୍ ବୃଦ୍ଧି ଯୋଗୁଁ ସ୍ୱଳ୍ପ ଆୟକୁ ବାଣ୍ଟି ଚଳିବା କଷ୍ଟକର ହୋଇପଡୁଛି। ତୁରନ୍ତ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ଉଚିତ।

**ସରସ୍ୱତୀ ବେହେରା, (ଗୃହିଣୀ)**

ସରକାର ସବୁ ଜିନିଷ ଉପରେ ଟିକସ ଆଦାୟ କରୁଛନ୍ତି। ଯୁଦ୍ଧ ସବୁବେଳେ ଲାଗି ରହିବନି ବର୍ଦ୍ଧିତ ଦରକୁ କେନ୍ଦ୍ର ସରକାର ତୁରନ୍ତ ପ୍ରତ୍ୟାହାର କରି ପୂର୍ବ ମୂଲ୍ୟରେ ଗ୍ୟାସ୍ ଯୋଗାଇ ଦିଅନ୍ତୁ। ଆବଶ୍ୟକ ପଡ଼ିଲେ ଗ୍ୟାସ ଉପରେ ରିହାତି ଯୋଗାଇ ଦିଅନ୍ତୁ। ନଚେତ ମହିଳାମାନେ ଏହାର ବିରୋଧ କରି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ।

**ମଞ୍ଜୁଲତା ବେହେରା, (ନାରୀନେତ୍ରୀ)**

# ବାଇକ୍ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ, ଗୁରୁତର

ତୁରୁମୁଙ୍ଗା, ୧୩।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ସାହାରପଡ଼ା ଫାଣ୍ଡି ଗଣ୍ଡବେଡ଼ା ଗ୍ରାମ ସ୍କୁଲ ନିକଟରେ ଗୁରୁବାର ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପ୍ରମୋଦ ନାଏକଙ୍କ ମୃତ୍ୟୁ ଘଟିଛି। ଆଉ ଜଣେ ନିତ୍ୟାନନ୍ଦ ନାଏକ (୩୦) ଗୁରୁତର ଆହତ ହୋଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଛନ୍ତି। କରଞ୍ଜିଆ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରମୋଦ (୩୮)ଙ୍କୁ ମୃତ ଘୋଷଣା କରିଥିଲେ। ପାଟଣା ପୁଲିସ ମୃତଦେହକୁ ଜବତ କରିବା ସହିତ ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ କିରଣ ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଏନେଇ ପାଟଣା ଥାନାରେ ୧୨୨/୨୬ରେ ଦୁର୍ଘଟଣା ମାମଲା ରୁଜୁ ହୋଇଛି। ଶୁକ୍ରବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଛି।

# ବିଶ୍ୱବିଦ୍ୟାଳୟରେ ଶିମିଳିପାଳ ଜୈବବିବିଧତା ଉତ୍ସବ



ବାରିପଦା, ୧୩।୩(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସେଣ୍ଟର ଫର୍ ଶିମିଳିପାଳ ଷ୍ଟଡିଜ୍ ଓ ଯଶିପୁରସ୍ଥ ସେଣ୍ଟର ଫର୍ ରିଜିଓନାଲ୍ ଏଜୁ୍ୟକେସନ ଫରେଷ୍ଟ ଆଣ୍ଡ ଟୁରିଜିମ ଡେଭଲପମେଣ୍ଟ ଏଜେନ୍ସି (ସିଆର୍‌ଇଏଫ୍‌ଟିଡିଏ)ର ମିଳିତ ସହଯୋଗରେ ଶିମିଳିପାଳ ଜୈବବିବିଧତା ଉତ୍ସବ ଅବସରରେ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଯୋଗଦେଇ ଶିମିଳିପାଳର ଜୈବ ବିବିଧତା ଓ ପରିବେଶ ସୁରକ୍ଷାରେ ତା'ର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ ପ୍ରକାଶ ଚାନ୍ଦ ଗୋଗ୍‌ନେନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିମିଳିପାଳର ସାମ୍ପ୍ରତିକ ସ୍ଥିତି ଓ ତା'ର ସୁରକ୍ଷା ଉପରେ ଅଭିଭାଷଣ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏଫ୍‌ଇଏସ୍ ସଂସ୍ଥାର ସିନିୟର ପ୍ରୋଗ୍ରାମ ମ୍ୟାନେଜର ଡକ୍ଟର ଜ୍ୟୋତି ପ୍ରକାଶ ରଥ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ଉପନିର୍ଦ୍ଦେଶକ ଡ ସମ୍ରାଟ ଗୌଡ଼ା ଯୋଗଦାନ କରି ଶିମିଳିପାଳରେ ବନ୍ୟଜନ୍ତୁଙ୍କ ଅବସ୍ଥିତିର ଏକ ଚିତ୍ର ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ତଥା ଆବାହକ ପ୍ରଫେସର ହେମନ୍ତ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆର୍‌ଇଏଫ୍‌ଟିଡିଏ ସଂସ୍ଥାର ଯୁଗ୍ମ ସମ୍ପାଦକ ନିହାର ରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ଡ ବିଜୟଶ୍ରୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଐତିହାସିକ ଉତ୍ସବରେ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ, ବନ୍ୟପ୍ରାଣୀ ଓ ଜୈବବିବିଧତା ସଂରକ୍ଷଣ, ସାନ୍ତାଳୀ, ଅର୍ଥନୀତି, ରାଜନୀତି ବିଜ୍ଞାନ, ସାମାଜିକ କାର୍ଯ୍ୟ, ଜୈବପ୍ରଯୁକ୍ତି ଆଦି ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ହଷ୍ଟେଲ ଛାତ୍ରଙ୍କ ମୃତ୍ୟୁ

ବାରିପଦା/ମାଣତ୍ରୀ, ୧୩।୩(ସମିସ): ବଡ଼ସାହି ଥାନା ଅଧୀନ ବେଗୁନିଆବଣୀସ୍ଥ ବେସରକାରୀ ମୟୂରଭଞ୍ଜ ଆଦିବାସୀ ଆବାସିକ ବନ ବିଦ୍ୟାଳୟର ଅନ୍ତେବାସୀ ୮ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଉଦଳା ଥାନା ଦେବଗାଁର ବିଜୟ ସିଂଙ୍କ ପୁଅ ଆଶିଷ(୧୩)। ସେ ଦୁଇଦିନ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ତାଙ୍କର ଚିକିତ୍ସା କରାଯାଉଥିବା ନେଇ ବିଦ୍ୟାଳୟର ନିର୍ଦ୍ଦେଶକ ବାସୁଦେବ ମହାନ୍ତି ପ୍ରକାଶ କରିଛନ୍ତି। ଜ୍ୱରରେ ଆକ୍ରାନ୍ତ ଥିବା ଛାତ୍ରଙ୍କୁ ଚିକିତ୍ସା ପାଇଁ ପ୍ରଥମେ ମାଣତ୍ରୀ ଡାକ୍ତରଖାନା ଓ ପରେ ବାରିପଦା ଜିଲ୍ଲା ମୁଖ୍ୟାଳୟକୁ ସ୍ଥାନାନ୍ତର କରିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶନିବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# କୁଡୁମୀ ଜାତିର ବିକାଶ ପାଇଁ କମିଟି ଗଠନ



ମହୁଲଡିହା, ୧୩।୩(ସମିସ): ଠାକୁରମୁଣ୍ଡା ବ୍ଲକ୍ ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ଭେଜିଡିହା ଓ ଦିଲ୍ଲୀଗଞ୍ଜ ଗ୍ରାମକୁ ନେଇ ଠାକୁରମୁଣ୍ଡା ବ୍ଲକ୍‌ସ୍ତରୀୟ କୁଡୁମି ସଂଗଠନର ଗ୍ରାମ୍ୟସ୍ତରୀୟ ସଚେତନତାମୂଳକ ବୈଠକ ଅନୁଷ୍ଠିତ ହୋଇ କମିଟି ଗଠନ କରାଯାଇଛି। ଏହି ବୈଠକରେ ଦିଲ୍ଲୀଗଞ୍ଜ ଗ୍ରାମର ଦାରା ସିଂ ମହାନ୍ତ ସଭାପତିତ୍ୱ କରିଥିଲେ। ବୈଠକରେ ଜାତିର ଭାଷା, ପରମ୍ପରା, ନେଗାଚାରି, କଳା ସଂସ୍କୃତି ବଜାୟ ରଖିବା ସଂଗେ ସଂଗେ ନିଜ ଜାତିର ଅଧିକାର ଉପରେ ସଚେତନ ହୋଇ କାର୍ଯ୍ୟ କରିବାକୁ ସଂଗଠନର କର୍ମକର୍ତ୍ତା ଲକ୍ଷ୍ମୀଧର ମହାନ୍ତ, ସନାତନ ମହାନ୍ତ, ଗଣେଶ୍ୱର ମହାନ୍ତ, ଭଦ୍ରା ମହାନ୍ତ, ଭଗବାନ ମହାନ୍ତ, କୁଡୁମି ସଂଗଠନର ସଭାପତି ଭାଗୀରଥି ମହାନ୍ତ ପ୍ରମୁଖ ଆଲୋଚନା କରିଥିଲେ। ବୈଠକରେ ଦିଲ୍ଲୀଗଞ୍ଜ ଗ୍ରାମର ଜାତି ପୂଜକ ଭାଗୀରଥି ମହାନ୍ତ, ଡାକୁଆ ଅଙ୍କୁ ମହାନ୍ତ, ପ୍ରଧାନ ଭାବେ ରଂଜିତ ମହାନ୍ତଙ୍କୁ ଚୟନ କରାଯାଇଥିବାବେଳେ ପୁରୁଷ ବିଭାଗର ଇଛେଶ୍ୱର ମହାନ୍ତ, ରାଜୀବ ମହାନ୍ତ ଓ ମହିଳା ବିଭାଗର ଶ୍ରୀମତୀ ଅନୀତା ମହାନ୍ତ, ଶ୍ରୀମତୀ କଳ୍ପନା ମହାନ୍ତଙ୍କୁ ଚୟନ କରାଯାଇଥିଲା। ଏହାର ପରବର୍ତ୍ତୀ ବୈଠକ ଚମ୍ପାଝର ପଞ୍ଚାୟତର ମାଙ୍କଡ଼ବେଡା ଓ ଅସନବଣି ଗ୍ରାମକୁ ନେଇ ମାଙ୍କଡ଼ବେଡା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟରେ ଆସନ୍ତା ମାର୍ଚ୍ଚ ୧୭ ତାରିଖ ମଙ୍ଗଳବାର ଦିନ ୧୦ଟା ସମୟରେ ହେବାକୁ ସ୍ଥିର କରାଯାଇଛି। ସମସ୍ତ ଜାତିପ୍ରେମୀ ଭାଇ ଓ ଭଉଣୀଙ୍କୁ ଯୋଗ ଦେବାପାଇଁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମକୁ ରାଧାଶ୍ୟାମ ମହାନ୍ତ ପରିଚାଳନା କରିଥିଲେ।

## ● ଦୁର୍ଘଟଣାରେ ଶିଶୁମୃତ୍ୟୁ ଅଭିଯୋଗ

# ଥାନା ଆଗରେ ଭୀମ ଆର୍ମିର ଧାରଣା

ଆନନ୍ଦପୁର, ୧୩।୩(ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅନ୍ତର୍ଗତ ଅଳତି ଗ୍ରାମର ଜିତେନ୍ଦ୍ର ମଲ୍ଲିକଙ୍କ ଏକମାତ୍ର କନ୍ୟା ତନ୍ମୟୀ ମଲ୍ଲିକ (୫)ଙ୍କ ଦୁଃଖଦ ମୃତ୍ୟୁ ଘଟଣା ସମଗ୍ର ଅଞ୍ଚଳକୁ ଶୋକାକୁଳ କରିଦେଇଛି। ସୂଚନା ଅନୁଯାୟୀ, ତନ୍ମୟୀ ପ୍ରାୟ ଦୁଇ ବର୍ଷ ହେବ ତାଙ୍କ ମାମୁ ଘର ଜେନାପଦାରେ ରହି ପାଠ ପଢୁଥିଲେ। ଗତ ୪ ମାର୍ଚ୍ଚ ୨୦୨୬ ହୋଲି ଦିନ କିଛି ଅସାମାଜିକ ଯୁବକ ମଦ୍ୟପାନ କରି ବେପରୁଆ ଭାବରେ ଗାଡ଼ି ଚଳାଇବା ସମୟରେ ଶିଶୁ ତନ୍ମୟୀଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ଏହି ଦୁର୍ଘଟଣାରେ ଶିଶୁଟି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକ ତୁରନ୍ତ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ୯ ଦିନ ଧରି ଚିକିତ୍ସା ଚାଲିଥିବା ବେଳେ ଗତକାଲି ରାତିରେ ଶିଶୁଟି ଜୀବନ ଯୁଦ୍ଧରେ ହାରିଯାଇଥିଲା। ପରିବାର ପକ୍ଷରୁ ୫ ମାର୍ଚ୍ଚରେ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ଦାଖଲ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୁଲିସ ପକ୍ଷରୁ ପ୍ରଭାବଶାଳୀ ପଦକ୍ଷେପ ନ ନିଆଯାଇଥିବାରୁ ସ୍ଥାନୀୟ ଲୋକ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଭୀମ ଆର୍ମି ସଂଗଠନ ଘଷିପୁରା ବ୍ଲକ ସଭାପତି ରଶ୍ମିରଞ୍ଜନ ଜେନାଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକର୍ତ୍ତାମାନେ ଥାନା ସମ୍ମୁଖରେ ପହଞ୍ଚି ଧାରଣା ଦେଇଥିଲେ। ପ୍ରାୟ ୫୦୦ ଲୋକ ଏଥିରେ ଯୋଗଦେଇ ନ୍ୟାୟ ଦାବି କରିଥିଲେ। ଘଟଣାକୁ ୯ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନର ନିଷ୍କ୍ରିୟତାକୁ ନେଇ ସାଧାରଣ ଲୋକ ମଧ୍ୟରେ ଅସନ୍ତୋଷ ବଢୁଛି। ଦୋଷୀମାନଙ୍କୁ ଶୀଘ୍ର ଗିରଫ ଓ ପୀଡ଼ିତ ପରିବାରକୁ ସରକାରୀ ସହାୟତା ଦେବାକୁ ଭୀମ ଆର୍ମି ସଂଗଠନ ଦାବି କରିଛି।



## ମଦ ଚଢ଼ଉବେଳେ ପୁଲିସକୁ ଆକ୍ରମଣ ମାମଲା

# ଦୁଇ ମହିଳା ଗିରଫ






ତୁରୁମୁଙ୍ଗା, ୧୩।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଲିତୋଟା ଗ୍ରାମରେ ଚାଲିଥିବା ଅବୈଧ ମଦ କାରବାର ଉପରେ ଗୁରୁବାର ସନ୍ଧ୍ୟାରେ ପୁଲିସ ଚଢ଼ଉ ବେଳେ ଉତ୍ତେଜନା ସୃଷ୍ଟିହେବା ସହ ସାହାରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ଏବଂ ମହିଳା କନେଷ୍ଟବଳ ହେମଲତା ନାଏକଙ୍କ ଉପରେ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ପାଟଣା ପୁଲିସ ଶୁକ୍ରବାର ଦୁଇ ଜଣ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ କଳ୍ପନା ମହାରଣା (୨୬) ଏବଂ ସ୍ୱର୍ଣ୍ଣଲକ୍ଷ୍ମୀ ନାଏକ (୧୯)।

ସୂଚନା ଅନୁସାରେ, ଚୋରା ମଦ କାରବାରରେ ଲିପ୍ତ ଥିବା ଅଭିଯୁକ୍ତମାନେ ଇଟା ଓ ପଥରରେ ଆକ୍ରମଣ କରିଥିଲେ। ଏଥିରେ ଫାଣ୍ଡି ଅଧିକାରୀଙ୍କ ମୁଣ୍ଡ ଫାଟିଥିବା ବେଳେ ମହିଳା କନେଷ୍ଟବଳ ଗୁରୁତର ହୋଇଥିଲେ। ଉଭୟଙ୍କୁ ପାଟଣା ଥାନାଧିକାରୀ କିରଣ ସାହୁ ଉଦ୍ଧାର କରି ପାଟଣା ମେଡିକାଲରେ ଭର୍ତ୍ତି କରିଥିଲେ। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତ ଗିରଫ ଭୟରେ ଫେରାର ହୋଇଯାଇଛନ୍ତି। ଏହି ଘଟଣାକୁ ନେଇ ପାଟଣା ଥାନାରେ ୧୨୧/୨୬ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ବିଏନ୍‌ଏସ୍. ଧାରା ୧୦୯(୨), ୧୩୨, ୨୯୬, ୩୫୧(୩), ୧୨୬(୨), ୧୨୭(୨), ୧୨୧(୧), ୧୨୧(୨), ୨୨୧, ୭୪, ୩୨୪(୪), ୩(୫) ସହ ଏକ୍ସାଇଜ ଆଇନ ଧାରା ୫୨(ଏ)(ଆଇ) ଏବଂ ଏସ୍‌ସି/ଏସ୍‌ଟି ଅତ୍ୟାଚାର ନିବାରଣ ଆଇନ ଧାରା ୩(୧)(ଆର)(ଏସ), ୩(୨)(ଭିଏ) ଅନୁଯାୟୀ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଅବୈଧ ମଦ କାରବାରର ତଦନ୍ତ ସମୟରେ ଆକ୍ରମଣ, ଉତ୍ତେଜନା ଓ ଅଶାନ୍ତି ଅଭିଯୋଗରେ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଥିବା ପୁଲିସ ସୂଚନା ଦେଇଛି।

# ଉଦଳା ଲ୍ୟାମ୍ପ୍‌ସରେ ଅବ୍ୟବସ୍ଥା

ଉଦଳା, ୧୩।୩(ସମିସ): ଓଡ଼ିଶାର ଚାଷୀ ଦୁର୍ଦ୍ଦଶାରେ ଥିବାବେଳେ ଉଦଳା ଲ୍ୟାମ୍ପ୍‌ସରେ ଦେଖାଦେଇଛି ଅବ୍ୟବସ୍ଥା। ଚାଷୀ ଧାନ ବିକ୍ରି ପାଇଁ ମେସେଜ ପାଇ ସରିବା ପରେ ମଧ୍ୟ ଧାନ ବିକ୍ରି କରିପାରୁନାହାଁନ୍ତି। ଉକ୍ତ ଘଟଣାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚାଷୀ ଟୋକନ ସମସ୍ୟା ପାଇଁ ଉତକ୍ଷିପ୍ତ ହୋଇ ଉଦଳା ଲ୍ୟାମ୍ପ୍‌ସରେ ତାଲା ପକାଇଥିଲେ। ଚାଷୀ ଲ୍ୟାମ୍ପ୍‌ସରେ ଧାନ ବିକ୍ରି ପାଇଁ ଯିବାବେଳେ କର୍ମଚାରୀ କୌଣସି ପ୍ରକାର ସମାଧାନ କରିପାରି ନ ଥିଲେ। ପରବର୍ତ୍ତୀ ସମୟରେ କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ଓ ପ୍ରତିଶ୍ରୁତି ପରେ ଚାଷୀ ସମାଧାନରେ ବିଶ୍ୱାସ ରଖିଥିଲେ।



## ଦେଶୀମଦ କାରଖାନା ଉପରେ ଚଢ଼ଉ

# ୧୪ ହଜାର କେଜି ପୋଚ, ୧୨୫୦ ଲିଟର ମଦ ଜବତ



ବେତନଟୀ, ୧୩।୩ (ସମିସ):

ବେତନଟୀ ଅବକାରୀ ଥାନା ଅଧୀନ ବଡ଼ସାହି ଥାନା ଅନ୍ତର୍ଗତ ଅସ୍ତଝରଣ, ମଙ୍ଗଗଡିଆ ଓ କମଳାଶୋଳଠାରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ଗୁରୁବାର ମିଳିତ ଚଢ଼ଉ କରି ବିପୁଳ ପରି ମାଣର ମହୁଲ ପୋଚ, ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ସମସ୍ତ ସରଞ୍ଜାମ ଜବତ କରିଛି ବେତନଟୀ ଅବକାରୀ ବିଭାଗ। ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଅବକାରୀ ମୋବାଇଲ ୟୁନିଟ ସମେତ ଖୁଣ୍ଟା, ଉଦଳାଟିମ ପ୍ରମୁଖ ମିଳିତ ଭାବେ ସଶସ୍ତ୍ର ପୁଲିସ ଫୋର୍ସ ସହାୟତାରେ ଅତର୍କିତ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ମଦ ମାଫିଆ ଘଟଣାସ୍ଥଳରୁ ଚମ୍ପଟ ମାରିଥିବାବେଳେ ଅସ୍ତଝରଣରେ ୫ ହଜାର ୩ ଶହ କେଜି ପୋଚ, ୪୨୦ ଲିଟର ରନ୍ଧାମଦ, ମଙ୍ଗଗଡିଆରେ ୪ହଜାର ୭ଶହ କେଜି ମହୁଲପୋଚ ଓ ୩୭୦ ଲିଟର ରନ୍ଧାମଦ ସମେତ କମଳାଶୋଳରେ ୪ ହଜାର ୯ଶହ କେଜି ପୋଚ, ୪.୬୦ ଲିଟର ରନ୍ଧାମଦ ଏହିପରି ସର୍ବ ମୋଟ ୧୪ ହଜାର ୯ଶହ କେଜି ପୋଚ ଓ ୧୨୫୦ ଲିଟର ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ସମସ୍ତ ସରଞ୍ଜାମ ଗୁଡିକୁ ଜବତ କରି ନଷ୍ଟ କରାଯାଇଥିଲା। ଏଥିସହିତ ଘଟଣାସ୍ଥଳରୁ ବହୁ ପରି ମାଣର ପ୍ଲାଷ୍ଟିକ ଡ୍ରମ, ଆଲୁମିନିୟମ ଡେକଚି ସମେତ ଅନ୍ୟାନ୍ୟ ସରଞ୍ଜାମ ଜବତ କରାଯାଇଛି। ଏ ନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇଛି।

# ପୋଖରୀ ହୁଡ଼ାରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବୈଶିଙ୍ଗା, ୧୩।୩(ସମିସ): ବୈଶିଙ୍ଗା ଥାନା ଅଧୀନ କାଠପାଳ ଗ୍ରାମ ନିକଟରେ ଏକ ବିଲ ମଝିରେ ଥିବା ପୋଖରୀ ହୁଡାରୁ ମହିଳାଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି ପୁଲିସ। କାଠପାଳ ଗ୍ରାମର ରବୀନ୍ଦ୍ର ସିଂଙ୍କ ପତ୍ନୀ ଗୁରୁବାରୀ ସକାଳୁ ଘର ବାହାରକୁ ମୂଳ ଲାଗିବାକୁ ଯାଇଥିଲେ ଓ ଆଉ ଘରକୁ ଫେରି ନ ଥିଲେ। ଅପରାହ୍ନରେ ଛେଳି ଚରାଇବାକୁ ଯାଇଥିବା ଜଣେ ଗାଁ ଲୋକ ବିଲ ମଝିରେ ଥିବା ବରଗଡିଆ ପୋଖରୀ ହୁଡାରେ ଥିବା ଏକ ଗଛରେ ଝୁଲୁଥିବା ଗୁରୁବାରୀଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ବୈଶିଙ୍ଗା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ସାଇଣ୍ଟିଫିକ ଟିମ ଆସିବା ପରେ ମୃତଦେହ ଗଛରୁ ଓହ୍ଲାଯିବା ନେଇ ସୂଚନା ମିଳିଛି। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ହତ୍ୟା ସନ୍ଦେହ କରାଯାଉଛି।

